# ୧.୩୧ କୋଟି ଟଙ୍କାର କୃଷି ବୈଷୟିକ ଯନ୍ତ୍ରପାତି ବିକ୍ରି

ବାରିପଦା,୬ା୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



କୃଷି ଯନ୍ତ୍ରପାତି ମେଳାରେ ଜଣେ ଯୁବ ଚାଷୀଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଉଛି।

ମୟୂରଭଞ୍ଜ ଜିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗଦେଇ ଆଧୁନିକ ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ ଉନ୍ନତି କରିପାରିବେ ବୋଲି କହିଥିଲେ। ଶିକ୍ଷିତ ଯୁବତୀ ଯୁବକଙ୍କୁ ପ୍ରଶିକ୍ଷିତ କରି କୃଷି କ୍ଷେତ୍ରରେ ମନୋନିବେଶ କରିବାକୁ ସେ ପରାମର୍ଶ ଦେଇଥିଲେ। ମିଲେଟ ମିଶନ, ବାୟୋଟେକ୍ନୋଲୋଜି ଦ୍ୱାରା କୃଷିର ଉନ୍ନତୀକରଣ ସମ୍ଭବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ହେମକାନ୍ତ ସୟ ମୟୂରଭଞ୍ଜକୁ କୃଷି ସମ୍ଭାବନା ଜିଲା ଭାବେ ଅଭିହିତ କରି ନୂତନ ବୈଷୟିକ ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ପୂର୍ବକ ଜିଲାକୁ କୃଷିରେ ଅଗ୍ରଣୀ କରିବାକୁ ଚେଷ୍ଟା କରିବାକୁ କହିଥିଲେ। କୃଷକ ବନ୍ଧୁମାନଙ୍କୁ କୃଷିଭିତ୍ତିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ମେଳାରେ ୧ କୋଟି ୩୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବୈଷୟିକ ଯନ୍ତ୍ରପାତି ବିକ୍ରି ହୋଇଥିବା ଜିଲାପାଳ କହି ନିଜର ସନ୍ତୁଷ୍ଟି ବ୍ୟକ୍ତ କରିଥିଲେ।

ସେହିପରି ଜିଲାରେ ଆରମ୍ଭ ହୋଇଥିବା ଷ୍ଟ୍ରବେରୀ ଚାଷର ସଫଳତା ପାଇଁ ଜିଲାପାଳ ସମସ୍ତ ଜିଲାବାସୀ ବିଶେଷ କରି ସଫଳ ଚାଷୀଙ୍କୁ ସାଧୁବାଦ ଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସ, କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ପୃଷ୍ଟି, ନାବାର୍ଡର ଜିଲା ବିକାଶ ପରିଚାଳକ ସ୍ମାରକ ମହାନ୍ତି, ଓଡ଼ିଶା ଏଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେଶନ ଅଧ୍ୟକ୍ଷ ପ୍ରଫୁଲ୍ଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଗ୍ରଣୀ ଚାଷୀ ଭାବେ

## ସରିଲା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

ଗୋପବନ୍ଧୁ ନଗରର ଟିଟନ କୁମାର ପରିଡ଼ା, ଶୁଳିଆପଦାର ସୁବ୍ରତ କୁମାର ପତି, ମୋରଡ଼ାର ବିବେକାନନ୍ଦ ଦତ୍ତ ଓ କୁସୁମୀର ଗୋବିନ୍ଦ ଚନ୍ଦ୍ର ସୋରେନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ସଭାରେ ପଞ୍ଚାୟତିରାଜ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ଚାଷୀ, ଏନ୍‌ଜିଓର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ୪ଦିନ ଧରି ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ସରକାରୀ ଆର୍ଥିକ ସହାୟତାର ସଚେତନତା ସହ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧନା, କୃଷକ ପରିଭ୍ରମଣ, ବୈଷୟିକ ଅଧିବେଶନ, କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା


ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

କରଞ୍ଜିଆ,୬ା୧ (କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ସଡ଼କ ସୁରକ୍ଷା ସଚତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ବିଷ୍ଣୁ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଉପ ଜିଲାପାଳ ପ୍ରେମାଂଶୁ ଚାନ୍ଦ ଯୋଗଦେଇ ସଚେତନ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ସେହିପରି ମହିଳା କଲେଜରେ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ପଥପ୍ରାନ୍ତ ନାଟକ ମାଧ୍ୟମରେ ପଥଚାରୀ ତଥା ବାଇକ୍ ଚାଳକ, ଗାଡ଼ି ମୋଟର ଚାଳକଙ୍କୁ ସଡ଼କ ସୁରକ୍ଷା ଜୀବନ ରକ୍ଷାର ବାର୍ତ୍ତା ଦେଇଥିଲେ। ସଚେତନତା ମାଧ୍ୟମରେ ୧୮ବର୍ଷ ବୟସ ପରେ ଗାଡ଼ି ଚାଳନା କରିବା ଉଚିତ, ଗାଡ଼ି ଚଲେଇବା ବେଳେ ନିଜର ଲାଇସେନ୍ସ ରଖିବା, ହେଲମେଟ୍ ସହିତ ଗାଡ଼ି ଚାଳନା ବେଳେ ମୋବାଇଲରେ କଥାବାର୍ତ୍ତା ହେବା ଉଚିତ ନୁହେଁ ବୋଲି ଜଣାଇଥିଲେ। ଏହା ସହିତ ଗାଡ଼ି ଚଳାଇଲା ବେଳେ ଗାଡ଼ିର ଦର୍ପଣ ବ୍ୟବହାର, ଦ୍ରୁତ ଗତିଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଶୋଭାଯାତ୍ରାରେ ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଘଡ଼େଇ, ସଞ୍ଜୟ ପଣ୍ଡା, ଉପଦେଷ୍ଟା ବିପିନ ବିହାରୀ ବାରିକ ଯୋଗଦେଇ ସଚେତନବାର୍ତ୍ତା ଦେଇଥିଲେ। ଏହି ଅବସରରେ ଆସାମର ଗୌହାଟୀଠାରେ ପୁରସ୍କୃତ ହୋଇଥିବା ବିଦ୍ୟାଳୟର ବ୍ୟାଣ୍ଡ ଦଳକୁ ଉପ ଜିଲାପାଳ ସମ୍ମାନିତ କରିଥିଲେ।

# ୧୭୪ ଅଭିଯୋଗର ଶୁଣାଣିକଲେ ଜିଲାପାଳ

ବାରିପଦା,୬ା୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟ ବାରିପଦା ଉପଖଣ୍ଡର ୧୦ ବ୍ଲକ୍ ଏବଂ ସଦରମହକୁମାର ମୋଟ ୧୭୪ ଅଭିଯୋଗର ଶୁଣାଣି କରିଛନ୍ତି। ସମସ୍ତ ଅଭିଯୋଗ ମଧ୍ୟରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ, ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟାଗୁଡ଼ିକ ସର୍ବାଧିକ ଥିଲା। ସେଥି ମଧ୍ୟରୁ ୧୫୨ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୨୨ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା। ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ୩ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୫ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଭିନ୍ନକ୍ଷମ ଦମ୍ପତି ସରୋଜ କୁଅଁର ବେହେରା ଓ ସବିତା ବେହେରା, କୃଷ୍ଣରାଣୀ କାଳିଆ ଓ ବିକାଶ କୁମାର ସୁରୀ, ରାମଚନ୍ଦ୍ର ମାର୍ଣ୍ଡି ଓ ସଲମା ଟୁଡୁଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨ଲକ୍ଷ ୫୦ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା, ଭିନ୍ନକ୍ଷମ ସନ୍ତାନ ଗଜପତି ପଣ୍ଡାଙ୍କୁ ୫୦ ହଜାର ଟଙ୍କା ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ, ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗଗୁଡ଼ିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବିଭୁତି ଭୂଷଣ ନାୟକ, ଓ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପ ଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡା. ବିଜୟ ଦାଶ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ ଯୋଗଦେବା ସହ ଉପଖଣ୍ଡର ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

# ପାରମ୍ପରିକ ବାଜା ବଜାଇ ବିକ୍ଷୋଭ



ଶରତ ବିକାଶ ମଞ୍ଚ ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

ଉଦଳା, ୬ା୧ (ସନ୍ତୋଷ କୁମାର ବାଛିନୀ)

ନିଜ ଅଞ୍ଚଳର ସମସ୍ୟା ସମେତ ବିଭିନ୍ନ ଦାବି ଜଣାଇବା ପାଇଁ ନିଆରା ଢଙ୍ଗରେ ବିକ୍ଷୋଭ ପ୍ରଦର୍ଶନ। ପାରମ୍ପରିକ ଆଦିବାସୀ ବାଜା ବଜାଇ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛି ଶରତ ବିକାଶ ମଞ୍ଚ। ଶରତ ଅଞ୍ଚଳର ବିକାଶ ପାଇଁ ୬ ଦଫା ଦାବି ନେଇ ସୋମବାର ଶୋଭାଯାତ୍ରା ସହ ମଞ୍ଚ ପକ୍ଷରୁ ଉଦଳା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ଶତାଧିକ ସଦସ୍ୟ ଉଦଳା ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶରତ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ୬ଟି ଦାବି ପୂରଣ ପାଇଁ ସେମାନେ ଦାବି କରିଛନ୍ତି। ବିଶେଷକରି ଶରତ ଅଞ୍ଚଳକୁ ବ୍ଲକ ମାନ୍ୟତା, ଶରତ ଜେଏମ୍‌ଏଫ୍‌ସି ସ୍ଥାପନ, ଶରତରେ ତହସିଲ, ଅଗ୍ନିଶମ କାର୍ଯ୍ୟାଳୟ ସମେତ ଶରତ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ଆଦି ଦାବି ରହିଛି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ରୂପ ନେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ମଞ୍ଚର ସଭାପତି ଗମାଇ ସିଂ ଗାଈପାଇ, କମଳାକାନ୍ତ ମହାନ୍ତି, ଜଗଦୀଶ ମୁର୍ମୁ, ସଦସ୍ୟଙ୍କ ସହ ଶତାଧିକ ଲୋକ ବିକ୍ଷୋଭରେ ସାମିଲ ଥିଲେ।

# ବିଜ୍ଞାନ ମେଳା ଉଦ୍‌ଯାପିତ



ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବେତନଟୀ,୬ା୧ (ଧରଣୀଧର ମହାନ୍ତି)

ବେତନଟୀସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟରେ ରବିବାର ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଖବରଦାତା ସଂଘର ସଭାପତି ଅରୁଣ କୁମାର ଓତା, ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟର ସମ୍ପାଦକ ଅମିତାଭ ପଟ୍ଟନାୟକ, ଅଧ୍ୟକ୍ଷ ଜନମନ ବେହେରା ଯୋଗ ଦେଇଥିଲେ। ପ୍ରକଳ୍ପ ବିଚାରକ ଭାବେ ବେତନଟୀ ମହାବିଦ୍ୟାଳୟର ଅଧ୍ୟାପକ ବନବିହାରୀ ମହାନ୍ତି, ଏମ୍‌ପିସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ବେତନଟୀ ମହାବିଦ୍ୟାଳୟର ଅଧ୍ୟାପିକା ମଧୁମିତା ବେହେରା ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଶଶାଙ୍କ ଶେଖର ପଣ୍ଡା, ରିତୁ ଶର୍ମା, ଧରଣୀଧର ମହାନ୍ତ , ସ୍ୱାତିମା ଶର୍ମା, ଯୋଗିତା ମାରାଣ୍ଡି, ଉଷାରାଣୀ ବେହେରା, ସସ୍ମିତା ଲେଙ୍କା, ନିଶିପଦ୍ମା ପରିଡା, ନିଳାଦ୍ରୀ ପଣ୍ଡା, କାଶ୍ମୀର ଖାତୁନ, ଶୁଭଶ୍ରୀ ଦାଶ, ଇସ୍ମିତା ବେହେରା, ସ୍ୱାତୀ ଜେନା, ରାକେଶ ବିଶ୍ୱାଳ, ଭାଗ୍ୟଶ୍ରୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶତାୟୁ ଚକ୍ରଧର ପାଇବେ ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ

- ଉଚ୍ଚ ନ୍ୟାୟାଳୟରେ ନେଇଥିଲେ ଆଶ୍ରୟ
- ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ୱାଗତ

ବାରିପଦା, ୬ା୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମୟୂରଭଞ୍ଜ ଜିଲା ବଡସାହି ବ୍ଲକ ଶ୍ରୀରାମପୁର ବାସିନ୍ଦା ପୂର୍ବତନ ସରପଞ୍ଚ ତଥା ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପ୍ରଧାନଙ୍କୁ ନ୍ୟାୟ ମିଳିଛି। ଦୀର୍ଘ ୧୨ବର୍ଷ ଧରି ସ୍ୱାଧୀନତା ସଂଗ୍ରାମୀ ପେନସନ ପାଇଁ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତୁରନ୍ତ ପ୍ରଧାନଙ୍କୁ ସ୍ୱାଧୀନତା ସଂଗ୍ରାମୀ ପେନସନ ପ୍ରଦାନ ପାଇଁ ନ୍ୟାୟାଳୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଚକ୍ରଧର ଅବିଭକ୍ତ ଚନ୍ଦନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଟନ୍ତି। ବର୍ତ୍ତମାନ ନିଜ ଶ୍ରୀରାମପୁରସ୍ଥିତ ଘରେ ରହୁଛନ୍ତି। ଖୁଣ୍ଟା ନିକଟ ବାଙ୍ଗରା ଗ୍ରାମ ନିକଟରେ ମୟୂରଭଞ୍ଜ ରାଜ୍ୟ ସରକାରଙ୍କ ଜଙ୍ଗଲ ଆଇନ ଭାଙ୍ଗି ୩୦୦ ଜଣ ପ୍ରଜାମଣ୍ଡଳ କର୍ମୀ ଓ ଗ୍ରାମବାସୀଙ୍କ ସହିତ ଗୟଳ ଶିକାର ଅଭିଯୋଗରେ ୧୯୪୨ ସେପ୍ଟେମ୍ବର ୧ରୁ ୧୯୪୩ ଅକ୍ଟୋବର ୫ ପର୍ଯ୍ୟନ୍ତ ପୋଲିସ ଆଢୁଆଳରେ ଲୁଚି ରହି ଶେଷରେ ବାରିପଦା ସେଣ୍ଟ୍ରାଲ ଜେଲରେ ୭ଦିନ ଜେଲଦଣ୍ଡ ଭୋଗିଥିଲେ। ରାଜ୍ୟ ଶାସନ ଭାର ହସ୍ତାନ୍ତର ପୂର୍ବରୁ ମହାରାଜା ପ୍ରଜାହିତ ପାଇଁ ସମସ୍ତ ପୂର୍ବ ଜେଲ ରିପୋର୍ଟ ନଷ୍ଟ କରାଇଥିବା ଯୋଗୁ ସ୍ୱାଧୀନତାର ମୟୂରଭଞ୍ଜର ସମସ୍ତ ପ୍ରଜାମଣ୍ଡଳ କର୍ମୀମାନେ ସ୍ୱାଧୀନତା ପେନସନ ପାଇବାରୁ ବଞ୍ଚିତ ହୋଇଥିଲେ। ମାତ୍ର ପ୍ରଖ୍ୟାତ ଗାନ୍ଧୀବାଦୀ ବଂଶୀଧର ରାଜଙ୍କ ୧୯୪୮ ଜୁଲାଇ ୧୯ରେ ବାରିପଦା ଏକଜ୍ୟୁକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ସତ୍ୟପାଠକୁ ଆଧାର କରି ନ୍ୟାୟଧୀଶ ଜଷ୍ଟିସ ଶଶିକାନ୍ତ ମିଶ୍ର ୧ମାସ ମଧ୍ୟରେ ଆବେଦନ ତାରିଖଠାରୁ ଏପର୍ଯ୍ୟନ୍ତ ସମସ୍ତ ପେନସନ ବକେୟା ପ୍ରଦାନ ନିମିତ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ଚକ୍ରଧର ବଡ଼ସାହି ବିଡ଼ିଓ, ଜିଲାପାଳ, ସରକାରଙ୍କ ସଂସ୍କୃତି ବିଭାଗଠାରେ ଆବେଦନ କରି ବାରମ୍ବାର ବିଫଳ ହୋଇଥିଲେ । ପୂର୍ବରୁ ଉଚ୍ଚ ନ୍ୟାୟାଳୟରେ ୨ଜଣ ବିଧାୟକଙ୍କ ସତ୍ୟପାଠ ବଳରେ ଶତ୍ରୁଘ୍ନ ସାହୁ ପାଇଥିବା ସ୍ୱାଧୀନତା ସଂଗ୍ରାମୀ ପେନସନକୁ ଆଧାର କରି ଗତ ଡିସେମ୍ବର ୨୩ତାରିଖରେ ଉଚ୍ଚ ନ୍ୟାୟାଳୟ ରାୟ ପ୍ରଦାନ କରିଥିଲେ । ଚକ୍ରଧର ପ୍ରଧାନ କହନ୍ତି ସଂଗ୍ରାମ ସରିନାହିଁ, ଦେଶ ଓ ସମାଜ ପାଇଁ ଅନେକ ସଂଗ୍ରାମ ବାକି ଅଛି । ଜିଲାପାଳ ଅବିଳମ୍ବେ ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କ ସମସ୍ତ ପେନସନ ମଞ୍ଜୁର କରି ତାଙ୍କ ହାତରେ ପ୍ରଦାନ କରିବାକୁ ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି। ମଞ୍ଚର ସାଧାରଣ ସମ୍ପାଦକ ଡ଼ ଶ୍ୟାମସୁନ୍ଦର ଦାସ, ବରିଷ୍ଠ ସଦସ୍ୟ ଡ଼ ସୁଶାନ୍ତ କୁମାର ପାତ୍ର, କୁମାର ରଞ୍ଜନ ପଣ୍ଡା ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଚକ୍ରଧରଙ୍କ ଘରେ ସାକ୍ଷାତ କରି, ତାଙ୍କର ନ୍ୟାୟ ଲଢେଇ, ଧୈର୍ଯ୍ୟ ଓ ସାହସ ପାଇଁ ସମ୍ବର୍ଦ୍ଧିତ କରିଛନ୍ତି।

# ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର



ବାଙ୍ଗିରିପୋଷି,୬ା୧ (ସଞ୍ଜୟ କୁମାର ଅଗ୍ରୱାଲା): ସ୍ଥାନୀୟ ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିରର ଉଦ୍‌ଘାଟନ ହୋଇଛି। ଆୟୋଜିତ ଶିବିରରେ ପ୍ରୋଗ୍ରାମ କୋର୍ଡିନେଟର ଡ. ଗଜେନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ସମ୍ପର୍କରେ ଧାରଣା ଦେବା ସଙ୍ଗେ ସଙ୍ଗେ ଅଧ୍ୟକ୍ଷ ମଣିଭଦ୍ର ସେଣ୍ଠ, କଳ୍ପିତା ପାଢୀ, ମିନତୀ ମହାନ୍ତ, ତପତି କର, ସୁକାନ୍ତି ମହାନ୍ତ ଆଦି ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପ୍ରଶିକ୍ଷିକା ଇପ୍‌ସିତା ପଣ୍ଡା ପ୍ରଶିକ୍ଷଣ ପ୍ରଦାନ କରିବା ପରେ ସଭା ସାଙ୍ଗ କରାଯାଇଥିଲା।

# ମୟୂରଭଞ୍ଜରେ ୧୯, ୪୬, ୭୭୮ ଭୋଟର


ଭୋଟର ତାଲିକା ପ୍ରକାଶ କରାଯାଉଛି।

## ଭୋଟର ତାଲିକା ପ୍ରକାଶ

ବାରିପଦା,୬ା୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଚୂଡ଼ାନ୍ତ ଭୋଟର ତାଲିକା ୨୦୨୫ ପ୍ରକାଶ ପାଇଛି। ଏହି ଅବସରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ହେମକାନ୍ତ ସୟ, ଅତିରିକ୍ତ ଜିଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଡେପୁଟି କଲେକ୍ଟର ଉମେଶ ଚନ୍ଦ୍ର ଓଝା ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲାରେ ମୋଟ ୧୯, ୪୬, ୭୭୮ ଜଣ ଭୋଟର ଥିବା ବେଳେ ସର୍ବମୋଟ ୨୩୭୨ଟି ପୋଲିଂ ଷ୍ଟେଶନ ରହିଛି। ଭୋଟରଙ୍କ ମଧ୍ୟରେ ପୁରୁଷ ୯,୬୩, ୬୪୮ ଜଣ, ମହିଳା ୯,୮୩, ୦୪୬ ଥିବା ବେଳେ ୮୪ ଜଣ ତୃତୀୟ ଲିଙ୍ଗ ବ୍ୟକ୍ତି ମାନେ ଅଛନ୍ତି। ସର୍ବୋପରି ନୂତନ ଭୋଟରଙ୍କ ସଂଖ୍ୟା ୭୧, ୪୫୧ ତାଲିକାଭୁକ୍ତ ହୋଇଛି। ୨୬ ନଂ. ବିଧାନସଭା ନିର୍ବାଚନ ମଣ୍ଡଳୀ ଯଶିପୁରରେ ୨୯୩ ପୋଲିଂ ଷ୍ଟେଶନ, ୨୭ ନଂ. ସାରସକଣାରେ ୨୬୫, ୨୮ ନଂ. ରାଇରଙ୍ଗପୁରରେ ୨୯୫, ୨୯ ନଂ. ବାଙ୍ଗିରିପୋଷିରେ ୨୫୭, ୩୦ ନଂ. କରଞ୍ଜିଆରେ ୨୪୩, ୩୧ ନଂ. ଉଦଳାରେ ୨୪୩, ୩୨ ନଂ. ବଡ଼ସାହିରେ ୨୩୯, ୩୩ ନଂ. ବାରିପଦାରେ ୨୫୫, ୩୪ ନଂ. ମୋରଡ଼ାରେ ୨୮୨ଟିପୋଲିଂଷ୍ଟେଶନଅଛି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ

ମୋରଡ଼ା,୬ା୧ (ସ୍ମାରକ ମାଜୀ)

ମୋରଡ଼ା ବ୍ଲକର ଗଡିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଅଧ୍ୟକ୍ଷ ଜଗନ୍ନାଥ ସାଥୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରର ଉଦ୍‌ଘାଟନୀ ଦିବସରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପୁଷ୍ପାଞ୍ଜଳି ଟିପିରିଆ, ଅଧ୍ୟାପିକା ଲିଲିଥୟଲ, ଡ. ନିବେଦିତା ପାତ୍ର, ଡ. ମିନତି ହାଁସଦା, ସସ୍ମିତା ହାବଡ଼ା, ପୂଜାରାଣୀ ଗିରି ପ୍ରମୁଖ ଯୋଗ ଦେଇଥିଲେ। ବାଳିକାମାନଙ୍କ ପାରିବାରିକ ଓ ସାମାଜିକ ହିଂସା ତଥା ଅତ୍ୟାଚାରର ମୁକାବିଲା ପାଇଁ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଟ୍ରେନର ସତ୍ୟଭାମା ଦେଓ ଏବଂ ଶୁଭପ୍ରିୟା ଦାସ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପ୍ରକାର ଆତ୍ମସୁରକ୍ଷା କୌଶଳ ସମ୍ବନ୍ଧରେ ତାଲିମ ଦେଇଥିଲେ। ୧୪୮ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଅମ୍ବିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ୮ ଦିନ ଧରି ଏହି ଶିବିର ଚାଲିବ।

# ବିକାଶକୁ ନେଇ ତେଜିଲା ବିବାଦ

ବାରିପଦା,୬ା୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ନୁହାଝାଳିଆ ପଞ୍ଚାୟତ ଅଧୀନ କାନ୍ଦଣା ଗ୍ରାମରେ ବିକାଶମୂଳକ କାର୍ଯ୍ୟକୁ ନେଇ ବିରୋଧର ସ୍ୱର ଉଠିଛି। ଶିଳ୍ପଭିତ୍ତିକ ପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ଖୋଲିବା କାର୍ଯ୍ୟାରମ୍ଭକୁ ବିରୋଧ କରି ୫୦ରୁ ଊର୍ଦ୍ଧ୍ୱ ମହିଳା ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଚିହ୍ନଟ ହୋଇ କାର୍ଯ୍ୟ ଆରମ୍ଭ ହୋଇଥିବା ପାର୍କ ଅନ୍ୟ ସ୍ଥାନରେ ନିର୍ମାଣ ପାଇଁ ସେମାନେ ଦାବି ଜଣାଇଛନ୍ତି। ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି।

ସୂଚନାଯୋଗ୍ୟ, ମୋରଡ଼ା ତହସିଲ ଅଧୀନ କାନ୍ଦଣା ଗ୍ରାମରେ ଥିବା ୩୭ ଏକର ୨୮ ଡିସିମିଲ ସରକାରୀ ଜମିରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଶିଳ୍ପଭିତ୍ତିକ ପାର୍କ ନିର୍ମାଣ କାର୍ଯ୍ୟ ଚଳିତ ମାସ ୩ ତାରିଖରୁ ଆରମ୍ଭ ହୋଇଛି। ଏହି ପ୍ରକଳ୍ପରେ ୪ଟି ସୋଲାର ବୋରିଂ, କଦଳୀ ଚାଷ, ପନିପରିବା ଚାଷ ଓ ଗୋ ପାଳନ ନିମନ୍ତେ ସେଡ୍ ସହ ଅନ୍ୟାନ୍ୟ କୃଷି ଭିତ୍ତିକ କାର୍ଯ୍ୟ କରିବାକୁ ଯୋଜନା କରାଯାଉଛି। ଏହା ମାଧ୍ୟମରେ ସ୍ଥାନୀୟ ଲୋକେ ନିଯୁକ୍ତ ହୋଇ ରୋଜଗାର ବୃଦ୍ଧି କରିପାରିବେ। ତେବେ ନିର୍ମାଣ କାର୍ଯ୍ୟ ହେବା ପୂର୍ବରୁ ଶତାଧିକ ପରିବାର ଏହାକୁ ବିରୋଧ କରିଥିଲେ। ଗାଁ ଲୋକ ଦୀର୍ଘବର୍ଷ ଧରି ଜଙ୍ଗଲ ଜମିରେ ଚାଷ କାର୍ଯ୍ୟ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ ସରକାରୀ ଜରିମାନା ଦେଉଥିଲେ। ଗୃହପାଳିତ ପ୍ରାଣୀ ଚରାବୁଲା କରୁଥିବା ବେଳେ ସେହି ଜମିରେ ପିଲାମାନେ ବିଭିନ୍ନ କ୍ରୀଡ଼ା ଆୟୋଜନ କରିଥାନ୍ତି। ନିର୍ମାଣ ହେଉଥିବା ଜମିରେ କିଛି ଜଙ୍ଗଲ କିସମର ଜମି ଥିବାରୁ ପାର୍କ ନିର୍ମାଣକୁ ନେଇ ପଲ୍ଲୀସଭା ମାଧ୍ୟମରେ ଗ୍ରାମବାସୀଙ୍କୁ ଅବଗତ କରାଯାଇ ନ ଥିଲା। ମନମୁଖି ଭାବେ ପାର୍କ ନିର୍ମାଣ କରାଯାଉଥିବା ନେଇ ଗ୍ରାମର ମହିଳାମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସରକାରୀ ଜମିକୁ ଦଖଲ କରି ବସିଥିବା ଲୋକେ ଅଞ୍ଚଳର ବିକାଶକୁ ନେଇ ବାଧା ସୃଷ୍ଟି କରିବାକୁ ହୀନଚକ୍ରାନ୍ତ କରାଯାଉଛି। ଅଞ୍ଚଳରେ ଅଶାନ୍ତ ବାତାବରଣ ସୃଷ୍ଟି କରି ଲୋକଙ୍କୁ ବିପଥଗାମୀ କରିବାରେ ଲାଗିପଡ଼ିଛନ୍ତି। ମୂଲ୍ୟହୀନ ରାଜନୀତି କରିବାକୁ ଯାଇ ବିରୋଧୀମାନେ ଏପରି କାର୍ଯ୍ୟ କରୁଥିବାରୁ ଅଞ୍ଚଳବାସୀଙ୍କ ବିକାଶରେ ପ୍ରତିବନ୍ଧକ ସାଜୁଛନ୍ତି ବୋଲି ଜିଲା ଭାଜପା ସଭାପତି କାନ୍ଦରା ସୋରେନ କହିଛନ୍ତି। ଜମି ବିବାଦ ଚାଲିଥିବାରୁ ପ୍ରକଳ୍ପର ଆକଳନ ସମ୍ଭବ ହୋଇନାହିଁ ବୋଲି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା କହିଛନ୍ତି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ରାଉରକେଲା ମୁଖ୍ୟ ଶାଖା,**
ରୋଜି ସପିଂ ସେଣ୍ଟର, ୧ମ ମହଲା, ମେନ୍ ରୋଡ଼, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୧

**ଡିମାଣ୍ଡ ନୋଟିସ୍**

**ଆମର ରାଉରକେଲା ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଉରକେଲା ମୁଖ୍ୟ ଶାଖାର** ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ଼ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ: ୧) ସୋହେଲ ଅହମ୍ମଦ,** ପିତା: ୰ ୱାସି ଅହମ୍ମଦ, ବୁଦେଲଯୋର, ପ୍ଲଟ୍ ନଂ.: ୬/୧୭୨୬, ଆଶିୟାନା ହାଇ ସ୍କୁଲ ଲେନ୍, ବିଶ୍ରା, ସୁନ୍ଦରଗଡ଼, ଓଡ଼ିଶା-୭୭୦୦୩୬, **୨) ୱାସିମ ଅହମ୍ମଦ,** ପିତା: ୰ ୱାସି ଅହମ୍ମଦ, ଗଜାନନ୍ଦ ଲେନ୍, ଓଲ୍ଡ ଷ୍ଟେସନ ରୋଡ଼, ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୧ | ଗୃହ ଋଣ / ୧୪.୧୦.୨୦୨୪ | **୦୭.୧୧.୨୦୨୪ / ୧୫.୧୦.୨୦୨୪ ସୁଦ୍ଧା ଟ.୨୨,୧୯,୨୯୭.୪୧** ଯୁକ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଦେୟ | ସୋହେଲ ଅହମ୍ମଦଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଯାହାର ପ୍ଲଟ୍ ନଂ.: ୬/୧୭୨୬, ଖାତା ନଂ.: ୮୮/୧୨୮୯, ମୌଜା: ବୁଦେଇଯୋର, ଥାନା: ବିଶ୍ରା, ତହସିଲ: ବିଶ୍ରା, ଜିଲ୍ଲା: ସୁନ୍ଦରଗଡ଼, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ଉକ୍ତ ସମ୍ପତ୍ତିର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ: ୬/୭୦୧/ପି, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୬/୭୦୧/ପି, ପଶ୍ଚିମ: ରାସ୍ତା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ରାଉରକେଲା
ତାରିଖ: ୦୬.୦୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ଅବକାରୀ ଚଢ଼ାଉ: ଦେଶୀମଦ ଜବତ**

ସୋର, (ଜନ୍ମେଜୟ ମିଶ୍ର): ସୋର ଅବକାରୀ ବିଭାଗ ତରଫରୁ ବାଉଁଶପାଳ ଜଙ୍ଗଲରେ ଚଢ଼ାଉ କରାଯାଇ ଗୁଡ଼ପୋଚ ନଷ୍ଟ କରିବା ସହିତ ଦେଶୀମଦ ଜବତ କରାଯାଇଛି। ଅବକାରୀ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶରେ ସୋର ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ବାଉଁଶପାଳ ଜଙ୍ଗଲରେ ଗଢ଼ିଉଠିଥିବା ବେଆଇନ ମଦରନ୍ଧା କାରଖାନା ଉପରେ ଚଢ଼ାଉ କରିଥିଲେ। ୨୨ ଶହ ଲିଟର ଗୁଡପୋଚ ନଷ୍ଟ କରି ୧୮୦ ଲିଟର ଦେଶୀମଦ ସମେତ ମଦରନ୍ଧା ସାମଗ୍ରୀକୁ ଜବତ କରିଥିଲେ।

## ସଂକ୍ଷେପରେ

### ବାଲିଆପାଳ ଶାରୀରିକ ଶିକ୍ଷା କଲେଜ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ

କାଳିପଦା, ୬।୧ (ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବାଲିଆପାଳସ୍ଥିତ ଶାରୀରିକ ଶିକ୍ଷା କଲେଜ କର୍ତ୍ତୃପକ୍ଷ ଜମି ମାଲିକ, ଷ୍ଟାଫ୍‌ଙ୍କ ବିବାଦ ଏବଂ ଗଣ୍ଡଗୋଳକୁ ଦୃଷ୍ଟିରେ ରଖି ସୋମବାରଠୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ କଲେଜକୁ ବନ୍ଦ ଘୋଷଣା କରିଛନ୍ତି। ହଷ୍ଟେଲରୁ ଛାତ୍ରୀଛାତ୍ରଙ୍କୁ ବାହାର କରାଯାଇଥିବା ବେଳେ ଓ କ୍ୱାର୍ଟର୍ସରୁ ଷ୍ଟାଫ୍‌ମାନଙ୍କୁ ମଧ୍ୟ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କଲେଜର ଭାରପ୍ରାପ୍ତ ଅଧକ୍ଷ ପ୍ରାଧ୍ୟାପକ ବିନୟ କୁମାର ସାହୁ ଷ୍ଟାଫ୍ କାଉନସିଲ ଓ ଷ୍ଟାଫ୍ ଆସୋସିଏଶନ ମିଟିଂ ଡକାଇ ବିସ୍ତୃତ ଆଲୋଚନା ପରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗତ ଦୁଇ ଦିନ ତଳେ ଜମି ମାଲିକ ଓ ଅନ୍ୟ କେତେକ କର୍ମଚାରୀ ୩ ଦଫା ଦାବି ନେଇ କଲେଜ ସାମ୍ନାରେ ଅନଶନରେ ବସିଥିଲେ। ବାଲିଆପାଳ ତହସିଲଦାର ଲୋକନାଥ ପ୍ରସାଦ ସେଠୀ ୪୮ ଘଣ୍ଟା ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ଆଧାର କରି ଜମି ମାଲିକ ଓ କର୍ମଚାରୀମାନେ ଅନଶନକୁ ପ୍ରତ୍ୟାହାର କରିନେଇଥିଲେ। ତେବେ ତହସିଲଦାର ଲୋକନାଥ ପ୍ରସାଦ ସେଠୀ ସମାଧାନର କୌଣସି ସୂତ୍ର ବାହାର କରି ନ ପାରି ଅସମର୍ଥ ପ୍ରକାଶ କରିବାରୁ ଜମି ମାଲିକ ଓ କର୍ମଚାରୀ ସୋମବାର ମୁଖ୍ୟ ଗେଟରେ ତାଲା ପକାଇ ଦେଇଥିଲେ।

### ବରୁଣସିଂ ସେବା ସମବାୟ ସମିତିରେ ଧାନକିଣା ଆରମ୍ଭ

ରେମୁଣା, ୬।୧ (ରବୀନ୍ଦ୍ର ମହାକୁଡ଼)

ରେମୁଣା ବ୍ଲକ ବରୁଣସିଂ ସେବା ସମବାୟ ସମିତିରେ ଧାନ କିଣା ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସମିତି ପରିସରରେ ପୂଜା, ହୋମ,ଯଜ୍ଞ କରାଯାଇ ଧାନ କିଣା ଅନୁକୂଳ କରାଯାଇଥିଲା। ସମିତି ସଭାପତି ପ୍ରବୀର କୁମାର ଦାସ ଏହାକୁ ଉଦଘାଟନ କରିଥିଲେ। ପ୍ରଥମ ଦିନରେ ଚାଷୀଙ୍କଠାରୁ ୨୪୫ କୁଇଣ୍ଟାଲ ଧାନ କିଣାଯାଇଥିଲା। ବରୁଣସିଂ ସେବା ସମବାୟ ସମିତି ଅଧୀନରେ କୁଳିଗାଁ ଏବଂ ବରୁଣସିଂ ପଞ୍ଚାୟତର ୧୧୬୩ ପଞ୍ଜିକୃତ ଚାଷୀଙ୍କଠାରୁ ୩୫ ହଜାର କୁଇଣ୍ଟାଲ ଧାନ କିଣାଯିବାର ଲକ୍ଷ୍ୟ ରଖାଯାଇଥିବା ସମିତି ସମ୍ପାଦକ ରଞ୍ଜନ କୁମାର ଦାସ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମିତି ଉପ ସଭାନେତ୍ରୀ ଉର୍ମିଳା ବେହେରା, ବୋର୍ଡ ସଭ୍ୟ ରବୀନ୍ଦ୍ର ମହାକୁଡ଼, ଜଗନ୍ନାଥ ବେହେରା, ଜ୍ଞାନରଞ୍ଜନ ନାୟକ, ମହେନ୍ଦ୍ର ମହାଳିକ, ରମେଶ ନାୟକ, ସୁକାନ୍ତ ପ୍ରଧାନ, ପ୍ରଭାସ କୁମାର ମଲିକ, କୁଳିଗାଁ ଆରଆଇ ନିର୍ମାଲ୍ୟ କୁମାର ପାଢ଼ୀ, ଭିଏଡବ୍ଲ୍ୟୁ ପ୍ରଦୀପ ରାମ, ଆରଏମସି ପକ୍ଷରୁ ଜନ୍ମେଜୟ ମହାନ୍ତି, ସହକାରୀ କୃଷି ଅଧିକାରୀ ଅଶୋକ କୁମାର ପାଢ଼ୀ ଏବଂ ଚାଷୀ ଉପସ୍ଥିତ ଥିଲେ। ଧାନ କିଣୁଥିବା ରମାଦେବୀ ମିଲର କର୍ମଚାରୀ ଅଭିକେତନ ଦାସ, ସୁଶାନ୍ତ କୁମାର ଦାସ ଉପସ୍ଥିତ ଥିଲେ।

# ପ୍ରବାସୀ ଭାରତୀୟ ଅନ୍ୟ ରାଷ୍ଟ୍ର ସହ ସମ୍ପର୍କ ଯୋଡ଼ିବାରେ ସେତୁ ସଦୃଶ

## ଜିଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ

ବାଲେଶ୍ୱର, ୬।୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସ୍କୁଲ ପରିସରରେ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ବାଲେଶ୍ୱର ତରଫରୁ ସୋମବାର ୧୮ତମ ଜିଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରିଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରବାସୀ ଭାରତୀୟମାନେ ବିଭିନ୍ନ କ୍ଷେତ୍ରରେ ଅନ୍ୟ ରାଷ୍ଟ୍ର ସହିତ ଆମ ଦେଶର ସମ୍ପର୍କ ଯୋଡ଼ିବାରେ ସେତୁ ପରି କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟଅତିଥି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ଔପଦା ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସ, ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁଶେଖର ଜେନା ଓ ବାହାନଗା ଗୋଷ୍ଠୀ ଶିକ୍ଷାଧିକାରୀ ସୋମାରାଣୀ ସେଠୀ ଯୋଗ ଦେଇଥିଲେ।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଏହି ଉପଲକ୍ଷେ ଜିଲାର ୧୨ଟି ବ୍ଲକରୁ ମନୋନୀତ ହୋଇଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଳ୍ପୀ କେଶୁ ଦାସ, ତାପସ ପଣ୍ଡା, ସ୍ତମ୍ଭକାର ସୁରେଶ ଚନ୍ଦ୍ର ବେହେରା ଓ ଅଞ୍ଜନ ଚାନ୍ଦ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ। ଶେଷରେ ବାଲେଶ୍ୱର ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟଶିଖା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ସ୍ଥାନରେ ମଣ୍ଡି ଖୋଲିଲା



ଅତିଥିମାନେ ଗୋବିନ୍ଦପୁର ସେବା ସମବାୟ ସମିତିରେ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ଖଇରା, ୬।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର କୁରୁଣ୍ଟା, ଗଗନଧୂଳି, ଗୋବିନ୍ଦପୁର ଓ ମିର୍ଜାପୁର ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଖୋଲିଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ଓ ଖଇରା ଶାଖା ସମବାୟ ବ୍ୟାଙ୍କର ପରିଚାଳକ ଯଦୁନାଥ ସ ଉପରୋକ୍ତ ୪ଟି ମଣ୍ଡିର ଶୁଭ ଉଦ୍‌ଘାଟନ କରିଥିଲେ। ଯୁବନେତା ନୀଳମାଧବ ପଣ୍ଡା, ବିଭିନ୍ନ ଜୋନର ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ଓ ରଶ୍ମିତା ମହାପାତ୍ର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। କୁରୁଣ୍ଟାରେ ପରିଚାଳନା ବୋର୍ଡ ସଭାପତି ମୁକୁନ୍ଦ ପ୍ରସାଦ ନାୟକ, ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ଜେନା ଓ ଗଗନଧୂଳିରେ ସଭାପତି ହରେକୃଷ୍ଣ ଶତପଥି, ସମ୍ପାଦକ ଗଗନବିହାରୀ ଜେନା, ସରପଞ୍ଚ ମଦନ ସାନ୍ତରା, ଗଜେନ୍ଦ୍ର ସାହୁ ଓ ଜଗବନ୍ଧୁ ବେହେରା ଉପସ୍ଥିତ ଥିଲେ। ସେହିଭଳି ଗୋବିନ୍ଦପୁର ଉଦ୍‌ଘାଟନୀ ଉତ୍ସବରେ ସଭାପତି ରବୀନ୍ଦ୍ରନାଥ ବେହେରା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରଫୁଲ୍ଲ ଖଣ୍ଡା, ବୋର୍ଡ ସଭ୍ୟ ଅଜିତ ରାଉତ, ନୀଳାମ୍ବର ପଣ୍ଡା, ରମାକାନ୍ତ ମହାନ୍ତି, ମୃତ୍ୟୁଞ୍ଜୟ ଜେନା ଓ ମିର୍ଜାପୁର ଉଦ୍‌ଘାଟନୀ ଉତ୍ସବରେ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ଦେବାଶିଷ ପାଢ଼ୀ ଓ ସହସମ୍ପାଦକ କାଳନ୍ଦୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ମୋଟ୍ ୧୯,୧୧,୫୪୮ ଭୋଟର, ୧,୯୨୭ ପୋଲିଂ ଷ୍ଟେଶନ

## ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ବାଲେଶ୍ୱର, ୬।୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୫ ଅନ୍ତର୍ଗତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧକ୍ଷତା କରି ପ୍ରକାଶିତ ତାଲିକା ଅନୁଯାୟୀ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଜିଲାରେ ମୋଟ୍ ୧୯ଲକ୍ଷ ୧୧ହଜାର ୫୪୮ ଜଣ ଭୋଟର ଥିବା ବେଳେ ସର୍ବମୋଟ ୧ହଜାର ୯୨୭ଟି ପୋଲିଂ ଷ୍ଟେଶନ ରହିଛି। ନୂତନ ଭୋଟରଙ୍କ ସଂଖ୍ୟା ୪୩ହଜାର ୪୧ ରହିଥିବା ବେଳେ ତାଲିକାଭୁକ୍ତ ଭିନ୍ନକ୍ଷମଙ୍କ ସଂଖ୍ୟା ୨୮ହଜାର୧୫ ରହିଛି। ବୈଠକରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ଡେପୁଟି କଲେକ୍ଟର ରାଇମାତ ଟୁଡୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ସୂଚନା ଥାଉ କି, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୫ ଅନ୍ତର୍ଗତ ଇଣ୍ଟିଗ୍ରେଟେଡ୍ ଡ୍ରାଫ୍ଟ ଭୋଟର ତାଲିକା ଗତ ଅକ୍ଟୋବର ମାସ ୨୯ ତାରିଖରେ ପ୍ରକାଶ ପାଇଥିଲା ଏବଂ ବିଶେଷ ଅଭିଯାନ ଭାବରେ ନଭେମ୍ବର ୨, ୧୦, ୧୬ ଓ ୨୪ ତାରିଖ ଧାର୍ଯ୍ୟ କରାଯାଇଥିଲା।

# ୩ ହଜାର ରୋଗୀଙ୍କୁ ଚିକିତ୍ସା ଯୋଗାଇଲେ ଏମ୍ସ ୪୦ ଡାକ୍ତର



ଚିକିତ୍ସା କରିବାକୁ ଆସିଥିବା ଡାକ୍ତରୀ ଟିମ୍।

ଭୋଗରାଇ, ୬।୧ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଉପାନ୍ତ ଅଞ୍ଚଳ ଭୋଗରାଇ ବ୍ଲକ ସରକାରୀ ସ୍ୱାସ୍ଥ୍ୟସେବା ଶୋଚନୀୟ ହୋଇପଡିଥିବା ବେଳେ ଜଟିଳ ରୋଗ ଚିକିତ୍ସା ନିମନ୍ତେ ଲୋକେ କଟକ ବଡ ଡାକ୍ତରଖାନା କିମ୍ବା ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହୋଇ ନୟାନ୍ତ ହେଉଛନ୍ତି। ଏଭଳି ସ୍ଥିତିରେ ଏମ୍ସ ହସ୍ପିଟାଲର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡା.ସରୋଜ ଦାସ ମଜୁମଦାରଙ୍କ ବଳିଷ୍ଠ ତତ୍ତ୍ୱାବଧାନରେ ଆର୍‌ଆଇଏଟଏସ୍ ମହାବିଦ୍ୟାଳୟ ପରିସରରେ ରବିବାର ୩ହଜାରରୁ ଉର୍ଦ୍ଧ୍ୱ ଜଟିଳ ଗରିବ ରୋଗୀଙ୍କୁ ଏମ୍ସର ୪୦ ଅଭିଜ୍ଞ ଓ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଚର୍ଚ୍ଚିତ ହୋଇଛନ୍ତି। ବରିଷ୍ଠ ବିଶେଷଜ୍ଞ ଡା. ଅରୁଣ କୁମାର ଚୌଧୁରୀ, ଡା. ପ୍ରକାଶ ଚନ୍ଦ୍ର ଦଳାଇ, ଡା. ନିହାର ବେହେରା, ଡା. ଅମରେଶ ମିଶ୍ର, ଡା. ସି.ଏସ୍. ସିରକା, ଡା. ପ୍ରଶାନ୍ତ ନାୟକ, ଡା. ସଞ୍ଜୟ ଗିରି, ଡା. ପଟ୍ଟନାୟକ, ଡା. ସଞ୍ଜୀବ ଭୋଇ, ଡା. ମାନସ ପାଣିଗ୍ରାହୀ, ଡା. ଆରଭିଏସ କୁମାର, ଡା. ଗିରିଶ ସାହୁ, ଡା. ଅମିତାଭ ରଥ, ଡା. ଅଶୋକ ଜେନା, ଡା. ସିଦ୍ଧାର୍ଥ ଦାସ, ଡା. ସିଦ୍ଧାର୍ଥ ରାୟ, ଡା. ବିଶ୍ୱଜିତ ମିଶ୍ର, ଡା. ଧୀରାଜ ପଣ୍ଡା, ଡା. ଦିବାଜ ଦାସ ଓ ଡା. ସୌରିନ ଭୁନିୟା ପ୍ରମୁଖ ଉପସ୍ଥିତ ହୋଇ ୨୨ଟି ଜଟିଳ ରୋଗର ଚିକିତ୍ସା କରିଥିଲେ। ଏହି ଶିବିରରେ ଚକ୍ଷୁରୋଗୀମାନଙ୍କୁ ନିଃଶୁଳ୍କ ଚଷମା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ କଲେଜ ଅଧକ୍ଷ କେଦାରସିଂ ଦାସ, ଅଧ୍ୟାପକ ବ୍ରଜବିହାରୀ ପତି, ଦେବାଶିଷ ପଣ୍ଡା, ଅଧ୍ୟାପକ ଡଃ ଧୀରେନ୍ଦ୍ର କୁମାର ଜେନା, ଶିକ୍ଷକ ବାଲଗୋପାଲ ଦାସ, ଅଧ୍ୟାପକ ଅବିନାଶ ସାହୁ, ଦିଲୀପ ଜେନା ଓ ଏନସିସିର ଛାତ୍ରୀଛାତ୍ରମାନେ ପରିଚାଳନାରେ ସହଯୋଗ କରିଥିଲେ। ଏମ୍ସ ଡାକ୍ତରଙ୍କ ନିଷ୍ଠା ଓ ତ୍ୟାଗ ସ୍ୱାସ୍ଥ୍ୟସେବାକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ସ୍ୱାଧୀନତା ସଂଗ୍ରାମୀ ବୈଦ୍ୟନାଥ ରାଉତଙ୍କ ସ୍ମୃତିଚାରଣ ସଭା



ସ୍ମୃତିସଭାରେ ଉପସ୍ଥିତ ଅତିଥି।

ଖଇରା, ୬।୧ (ଉତ୍କଳବନ୍ଧୁ ପଣ୍ଡା)

ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିବା ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରାଡିହି ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୈଦ୍ୟନାଥ ରାଉତଙ୍କର ୧୦୫ତମ ଜୟନ୍ତୀ ରବିବାର ରାଜେଶ ମହାକୁଡଙ୍କ ଆବାହକତ୍ୱରେ ପାଳିତ ହୋଇଛି। ଏହି ଅବସରରେ ତୁଡିଗଡିଆ ଶହୀଦ ମଣ୍ଡପଠାରେ ଆୟୋଜିତ ସ୍ମୃତିସଭାରେ ଶହୀଦ ଜନକଲ୍ୟାଣ ପରିଷଦର ବରିଷ୍ଠ ସଦସ୍ୟ ଲୋକନାଥ ପଣ୍ଡା ଅଧକ୍ଷତା କରିଥିଲେ। ଉପସଭାପତି ରାଧାକାନ୍ତ ପଣ୍ଡା, ଯୁଧୀଷ୍ଠିର ମହାରଣା, ବସନ୍ତ ସାହୁ, ଉପେନ୍ଦ୍ର ପାଢ଼ୀ, ଉପେନ୍ଦ୍ର ପାଣିଗ୍ରାହୀ, ବିଷ୍ଣୁମୋହନ ସାହୁ, ବିରଞ୍ଚନ ଜେନା, ଦୀନବନ୍ଧୁ ମହାରଣା, ହେମଲତା ଶିଅଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତ ଭାରତ ଛାଡ ଆନ୍ଦୋଳନରେ ଯୋଗ ଦେବା ଠାରୁ ଆରମ୍ଭ କରି ରକ୍ତତୀର୍ଥ ତୁଡିଗଡିଆ ଗୁଳିକାଣ୍ଡରେ ବ୍ରିଟିଶ ଫୌଜଙ୍କୁ ସାମନା କରିବା ପର୍ଯ୍ୟନ୍ତ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ। ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ମନ ମୋହନ ସିଂଙ୍କ ବିୟୋଗରେ ନୀରବ ପ୍ରାର୍ଥନା ସହ ଚିକିତ୍ସାଧୀନ ଥିବା ବରିଷ୍ଠ ସଦସ୍ୟ ବିଷ୍ଣୁମୋହନ ଶତପଥିଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା।

# ଟ୍ରାଫିକ ନିୟମ ମାନିବା ଉପରେ ଗୁରୁତ୍ୱ

## ସଡ଼କ ସୁରକ୍ଷା ସଚେତନତା ପାଇଁ ୱାକାଥନ ରାଲି

ବାଲେଶ୍ୱର, ୬।୧ (ବାଞ୍ଛାନିଧି ଦେ)

ରାଜ୍ୟ ପରିବହନ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ପ୍ରଶାସନ ଓ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ମିଳିତ ସହଯୋଗରେ ସୋମବାର ଏକ ୱାକାଥନ ରାଲି ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ସ୍ମୃତିଭବନ ପରିସରରେ ସଡ଼କ ସୁରକ୍ଷା ମାସ-୨୦୨୫ ସଚେତନତା ନିମନ୍ତେ ଆୟୋଜିତ ରାଲିକୁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ଏହି ରାଲିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାସ, ଏମ୍‌ଭିଆଇ ସ୍ୱାହା ହେମ୍ବ୍ରମଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ରାଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଶେଷ ହେବା ପରେ ସେଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦାସ ଛାତ୍ରୀଛାତ୍ରଙ୍କୁ ଗାଡ଼ି ଚାଳନା ବେଳେ ହେଲମେଟ ପିନ୍ଧିବା ପାଇଁ ଶପଥ କରାଇଥିଲେ। ଦୈନନ୍ଦିନ ଜୀବନରେ ଯାନବାହନର ଭିଡ଼କୁ ଦୃଷ୍ଟିରେ ରଖି ସତର୍କତାର ସହ ସମସ୍ତ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇଲେ ନିଜର ସୁରକ୍ଷା ସହ ପରିବାରର ରକ୍ଷା ସୁନିଶ୍ଚିତ କରାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ।



ଜିଲାପାଳ ପତାକା ଦେଖାଇ ରାଲିର ଶୁଭାରମ୍ଭ କରୁଛନ୍ତି।

# ସଡ଼କ ସୁରକ୍ଷା ସପ୍ତାହ ପାଳିତ

ସୋର, ୬।୧ (ଜନ୍ମେଜୟ ମିଶ୍ର)

ସୋର ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ଏହି ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଉତ୍ତରେଶ୍ୱରରେ ଆୟୋଜିତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନାଧିକାରୀଙ୍କ ସମେତ ଜାଭିଅର ହାଇସ୍କୁଲର ନିର୍ଦ୍ଦେଶକ ଅଶୋକ ମହାନ୍ତି, ବିଦ୍ୟାଳୟ ଅଧକ୍ଷ ପର୍ଶୁରାମ ବେହେରା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଡ଼କ ସୁରକ୍ଷା ବାବଦରେ ସଚେତନ କରାଇଥିଲେ। ଏହାପରେ ଉତ୍ତରେଶ୍ୱର ସେଣ୍ଟ ଜାଭିଅର ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଉତ୍ତରେଶ୍ୱରରୁ ବାହାରି ମେଡିକାଲ ଛକରେ ପହଞ୍ଚିବା ପରେ ସେଠାରେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହେବା ପରେ ଶେଷ ହୋଇଥିଲା। ରାସ୍ତାରେ ଲୋକଙ୍କୁ ଗୋଲାପ ଦେଇ ସୁରକ୍ଷା ବାବଦରେ ସଚେତନ କରାଯାଇଥିଲା।

# ମାସେ ନ ପୂରୁଣୁ ରାସ୍ତାରୁ ଉଠିଲା ପିଚୁ, ଗୋଡ଼ି

## ଲୁଚାଇବାକୁ ଚାଲିଛି ଉଦ୍ୟମ

ନୀଳଗିରି, ୬।୧ (ପ୍ରଶାନ୍ତ ବିଶ୍ୱାଳ)

ରାସ୍ତାର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଆର୍ଥିକ ଅନୁଦାନ ଆସୁଛି। ହେଲେ ଫଳରେ ନିମ୍ନମାନର ରାସ୍ତା ନିର୍ମାଣ କାମ ଯୋଗୁ ଯୋଜନାର ସୁଫଳ ଲୋକ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ଭାଲୁକାଶୁଣି-ନରଣପୁର-ମାଟିଆଳୀ ରାସ୍ତାକାମରେ।

ଏହି ରାସ୍ତାର ଉନ୍ନତୀକରଣ ପାଇଁ ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗ ଆନୁକୂଲ୍ୟରେ ୧୭କୋଟି ୯୨ଲକ୍ଷ ୨୫ହଜାର ୫୪୬ ଟଙ୍କା ବ୍ୟୟବରାଦ ହୋଇଥିଲା। ୨୦୨୩ ଡିସେମ୍ବର ୨୮ତାରିଖରେ ବର୍ତ୍ତମାନର ଏମ୍‌ପି ଏବଂ ତତ୍କାଳୀନ ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ସମ୍ପୃକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଭାଲୁକାଶୁଣିଠାରୁ ନରଣପୁର ମଧ୍ୟରେ ଫାଇନାଲ ପିଚ୍ କାମ ପ୍ରାୟ ୨୦ଦିନ ତଳେ ସରିଥିବା ବେଳେ ଅଧିକାଂଶ ଜାଗାରେ ପିଚୁ ଉଠି ବଜୁରି ବାହାରି ପଡ଼ିଛି। ଫଳରେ ରାସ୍ତାରେ ଯାତାୟାତ କରୁଥିବା ମୋଟରସାଇକେଲ ଆରୋହୀ ହଡ଼ବଡ଼େଇ ପଡ଼ିଯାଇ ଲହୁଲୁହାଣ ହୋଇପଡୁଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ପରେ ତରବରିଆ ଭାବେ ଘଟଣାକୁ ଚପାଇ ଦେବାକୁ ଠିକାଦାର ଏବଂ କନିଷ୍ଠଯନ୍ତ୍ରୀ ସୋମବାର ଭୋର ସମୟରେ ଟ୍ରାକ୍ଟର ସାହାଯ୍ୟରେ କ୍ରସର୍ ଡଷ୍ଟ ଆଣି କିଛି ତରଳପଦାର୍ଥ (ପ୍ରାଇମର) ସହ ରାସ୍ତାରେ ପ୍ୟାଚ ପକାଇଥିବା ଦେଖିବାକୁ ମିଳିଛି। ହେଲେ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ପାଇଁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ସନ୍ତୋଷ ପଣ୍ଡାଙ୍କୁ ପଚାରିବାରୁ ଗଛ ଛାଇ ଯୋଗୁ ରାସ୍ତାର ଏଭଳି ପିଚୁ ଉଠିଥିବା ସଫେଇ ଦେଇଛନ୍ତି।

ନିର୍ବାହୀ ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କୁ ପଚାରିବାରୁ ଉକ୍ତ ରାସ୍ତା ଖରାପ ହୋଇଥିବା ସେ ସ୍ୱୀକାର କରିଛନ୍ତି। ପିଚୁ ଓ ଗୋଡ଼ି ଉଠୁଥିବା ସ୍ଥାନର ମରାମତି ହୋଇଗଲେ ଠିକ୍ ହୋଇଯିବ ବୋଲି ସେ କହିଛନ୍ତି। ତେବେ କାମ ନ ସରୁଣୁ ପିଚୁ ଉଠିବା ଘଟଣା କେତେ ନିମ୍ନମାନର କାମ ତାହା ଏଥିରୁ ସ୍ପଷ୍ଟ ଅନୁମେୟ।



ତରବରିଆ ଭାବେ ରାସ୍ତାର ମରାମତି କରାଯାଉଛି।

# ବିଦ୍ୟୁତ୍ ଚୋରି ସାଜିଛି ଗୁଣାତ୍ମକ ସେବା ଯୋଗାଣରେ ବାଧକ

- ଚୋରି ରୋକିବାକୁ ଟିପିଏନ୍‌ଓଡିଏଲ୍‌ର କଠୋର ଆଭିମୁଖ୍ୟ
- ଜବତ ହେଲାଣି ୩୬୨ ମେଗାୱାଟ୍ ବିଦ୍ୟୁତ ଚୋରି

ବାଲେଶ୍ୱର, ୬।୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ତୃଣମୂଳ ସ୍ତରରୁ ବିଦ୍ୟୁତ ଚୋରି ରୋକିବାକୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏହି କ୍ରମରେ ପ୍ରାୟ ୩୬୨ ମେଗାୱାଟ ବିଜୁଳି ଚୋରିକୁ ରୋକିବାରେ ସଫଳ ହୋଇଛି। ଏଥିସହ ୧ଲକ୍ଷ ୨୯ହଜାର ମାମଲା ଦାଏର କରାଯାଇଛି।

ସୂଚନା ମୁତାବକ ୨୦୨୧-୨୨ ଆର୍ଥିକ ବର୍ଷରେ ୩୭ହଜାର ୯୩୮ଟି ମାମଲା ରୁଜୁ କରିବା ସହ ୭୩.୨୩ ମେଗାୱାଟ ବିଦ୍ୟୁତ ଚୋରି ରୋକିବାରେ ଟିପିଏନଓଡିଏଲ୍ ସକ୍ଷମ ହୋଇଥିଲା। ୨୦୨୨-୨୩ରେ ୩୬, ୪୨୯ଟି ମାମଲା ଦାୟର କରିବା ସହ ୧୦୧.୧୨ ମେଗାୱାଟ ବିଜୁଳି ଚୋରି ରୋକାଯିବା ଏବଂ ୨୦୨୩-୨୪ରେ ୧୦୦ ମେଗାୱାଟ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୬୩.୮୩ ମେଗାୱାଟ ବିଦ୍ୟୁତ ଚୋରି ରୋକାଯିବା ସହ ପ୍ରାୟ ୧୭ହଜାର ୫୯୮ ମାମଲା ଦାୟର କରାଯାଇଛି। ବିଦ୍ୟୁତ ଚୋରିକୁ ରୋକିବା ପାଇଁ ପ୍ରତି ସେକ୍ସନ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସର୍କଲ କାର୍ଯ୍ୟାଳୟ ଏପରିକି କେନ୍ଦ୍ରୀୟ ଟିମ୍ ଗଠନ ହୋଇ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ୩୪ଟି ସ୍ୱତନ୍ତ୍ର ଟିମ୍ ସାହାଯ୍ୟରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ବିଦ୍ୟୁତ୍ ଚୋରିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଦ୍ୟୁତ ଚୋରି ଦ୍ୱାରା ଅଧିକ ବିଦ୍ୟୁତ ଖର୍ଚ୍ଚ ହୁଏ ଓ ବିଦ୍ୟୁତ ଶୁଳ୍କ ଭାର ଅଜାଣତରେ ସଚ୍ଚୋଟ ଉପଭୋକ୍ତାମାନଙ୍କୁ ବହନ କରିବାକୁ ପଡ଼େ। ଏହାକୁ ରୋକିବାକୁ ଟିପିଏନଓଡିଏଲ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ସାଧାରଣ ଲୋକଙ୍କ ନଜରରେ କେହି ବିଦ୍ୟୁତ୍ ଚୋରି କରୁଥିବା ଆସିଲେ ସଚେତନ ନାଗରିକ ଭାବେ ସେମାନେ ନିଜର ଅଭିଯୋଗ ଟିପିଏନଓଡିଏଲ ନିକଟରେ ଦାଖଲ କରୁଛନ୍ତି। ସେମାନଙ୍କ ତଥ୍ୟ ଗୋପନ ରଖାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଟିପିଏନଓଡ଼ିଏଲ ପକ୍ଷରୁ କୁହାଯାଇଛି।



ଟିପିଏନଓଡିଏଲ୍‌ର ସ୍ୱତନ୍ତ୍ର ଟିମ୍।

# ଅବକାରୀ ବିଭାଗ ପାଖରେ ଚାବି, ବାହାରେ ବୁଲୁଛି ଜବତ ଗାଡ଼ି

## ଆଉଥରେ ଜବତ କଲା ପୋଲିସ

ଭଦ୍ରକ,୬।୧ (ସନାତନ ରାଉତ)

ଅବକାରୀ ବିଭାଗ ତାଙ୍କ ଗାଡ଼ି ଜବତ କରିଥିଲା। ହେଲେ ଏବେ ଗାଡ଼ିଟି ଅବକାରୀ ବିଭାଗ ହେପାଜତରେ ନ ଥିବାବେଳେ ବାହାରେ ବୁଲୁଛି। ଏପରିକି ଉକ୍ତ ଗାଡ଼ିରେ କୋଇଲା ଲୋଡ୍ ହେଉଥିବା ସମୟରେ ସେଠାରେ ପହଞ୍ଚିବା ପରେ ଆକ୍ରମଣର ଶିକାର ହୋଇଛନ୍ତି ଗାଡ଼ି ମାଲିକ ଭଦ୍ରକ ପୁରୁଣାବଜାର ଥାନା କାଜିମହଲାର ଶେଖ୍ ତବରେଜ୍। ଏନେଇ ସେ ରବିବାର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଗାଡ଼ିର ଚାବି ସେମାନଙ୍କ ପାଖରେ ଅଛି ବୋଲି ଦାବି କରୁଛନ୍ତି ଅବକାରୀ ଅଧୀକ୍ଷକ।

ଜିଲା ଅବକାରୀ ବିଭାଗ ୨୦୨୪ ନଭେମ୍ବରରେ ଆଗରପଡ଼ା ଥାନା ଅଧୀନ କାଦବରାଙ୍ଗ ପାଖରୁ ମଦ ବୋଝେଇ ହୋଇଥିବା ଉକ୍ତ ପିକ୍‌ଅପ୍ ଭ୍ୟାନ୍(ଓଡି ୦୪ ଜି ୨୭୮୩) ଜବତ କରିଥିଲା। ତବରେଜ୍ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଗାଡ଼ିକୁ ଅବକାରୀ ବିଭାଗ ଜବତ କରି ହେପାଜତରେ ରଖିଥିଲା। ଗାଡ଼ିର ଡ୍ରାଇଭର ଓ ହେଲ୍‌ପରଙ୍କୁ କୋର୍ଟଚାଲାଣ ମଧ୍ୟ କରାଯାଇଥିଲା। ଜିଲା କୋର୍ଟରୁ ସେମାନଙ୍କ ଜାମିନ୍ ହେବା ସହ ତାଙ୍କ ନାଁରେ କେସ୍ ଥିବାରୁ ଜାମିନ ହୋଇସାରିଥିଲା। ଗାଡ଼ି ଜାମିନ୍ ପାଇଁ ଆବେଦନ କରିବା ପରେ ଗତ ୨ ତାରିଖରେ ରିଲିଜ୍ ପାଇଁ ଅର୍ଡର ମଧ୍ୟ ଆସିଛି। କିନ୍ତୁ ୪ ତାରିଖ ରାତି ୧୨ଟାରେ ଗାଡ଼ିରେ ଲାଗିଥିବା ଜିପିଏସ୍ ମାଧ୍ୟମରେ ତାଙ୍କ ଗାଡ଼ିଟି ଇଚ୍ଛାପୁରର ଭଗବାନପୁରରେ ରହିଥିବା ସେ ଜାଣିବାକୁ ପାଇଥିଲେ। ସେ ସହଯୋଗୀମାନଙ୍କୁ ନେଇ ଲୋକେସନ୍ ଅନୁସାରେ ଭଗବାନପୁରରେ ଥିବା ତାଙ୍କ ଗାଡ଼ି ପାଖକୁ ଯାଇଥିଲେ। ସେଠାରେ ପହଞ୍ଚିବା ବେଳକୁ ଗାଡ଼ିରେ କୋଇଲା ଲୋଡ୍ ହେଉଥିଲା। କୋଇଲା ଲୋଡ୍ କରୁଥିବା ଲୋକେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଉକ୍ତ ଗାଡ଼ିକୁ ଆରଡ଼ିଛକ ନିକଟସ୍ଥ ଲ କଲେଜ ପାଖରେ ଛାଡ଼ି ଦେଇ ପଳାଇଥିଲେ ବୋଲି ଜିପିଏସ୍ ମାଧ୍ୟମରେ ସେ ଜାଣିବାକୁ ପାଇଥିଲେ। ସେହି ରାତିରେ ତବରେଜ୍ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିବା ପରେ ୫ ତାରିଖ ସକାଳେ ପୋଲିସ ଉକ୍ତ ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲା। ଏବେ ଗାଡ଼ିଟି ପୁନର୍ବାର ଅବକାରୀ ବିଭାଗ ହେପାଜତରେ ଥିବା ତବରେଜ୍ କହିଛନ୍ତି। ତେବେ ଜବତ ହୋଇଥିବା ଗାଡ଼ିଟି କୋଇଲା ବୋଝେଇ ପାଇଁ କିପରି ଯାଇଥିଲା ଓ କିଏ ନେଇଥିଲେ, ତାକୁନେଇ ଅଡୁଆରେ ପଡ଼ିଛି ଅବକାରୀ ବିଭାଗ। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର କହିଛନ୍ତି, ଗାଡ଼ିର ଚାବି ସେମାନଙ୍କ ପାଖରେ ଅଛି। ଗାଡ଼ି କେମିତି ବାହାରକୁ ଗଲା ଜଣାନାହିଁ। ଅବକାରୀ ଉପ ଅଧୀକ୍ଷକଙ୍କୁ ସେତେବେଳେ ଗାଡ଼ି ଜବତ ପରେ ହେପାଜତରେ ରଖିବାକୁ କୁହାଯାଇଥିଲା। ଗାଡ଼ି ବାହାରକୁ କିପରି ଗଲା ତାହାର ତଦନ୍ତ କରାଯିବ। ଅବକାରୀ ବିଭାଗ ହେପାଜତରେ ରହିଥିବା ଗାଡ଼ି ଚୋରା କୋଇଲା ବ୍ୟବସାୟରେ ବ୍ୟବହାର ପାଇଁ ବାହାରକୁ ଯାଇଥିବା ନେଇ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଜବତ ପିକଅପ୍ ଭ୍ୟାନ୍।

# ଜୟନ୍ତୀରେ ସାରସ୍ୱତ ସାଧକଙ୍କ ପ୍ରତିମୂର୍ତ୍ତି ଅନାବରଣ



ଜୟନ୍ତୀ ଉତ୍ସବରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଚାନ୍ଦବାଲି,୬।୧ (ଅଶୋକ କୁମାର ପଣ୍ଡା/କିଷାନ ପାତ୍ର)

ଚାନ୍ଦବାଲି ଅଞ୍ଚଳର ସାରସ୍ୱତ ସାଧକ ତଥା ଗାନ୍ଧୀବାଦୀ ଜନନେତା ସ୍ୱର୍ଗତ ଜଗନ୍ନାଥ ପଡ଼ିଆରୀଙ୍କ ୧୧୮ତମ ଜୟନ୍ତୀ ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ସୋମବାର ଗୋଲାଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ପଡ଼ିଆରୀ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସାହିତ୍ୟିକ ଓ ସମାଲୋଚକ ଡ. ଅରବିନ୍ଦ ଗିରିଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ନାଟ୍ୟକାର ଡ. ବିଜୟ ଶତପଥୀ, ମୁଖ୍ୟବକ୍ତା କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବିଜୟାନନ୍ଦ ସିଂହ, ଅନ୍ୟତମ ଅତିଥି ପ୍ରଫେସର ଡ. ରମାକାନ୍ତ ସିଂହ, ପ୍ରଫେସର ଶାନ୍ତନୁ କୁମାର ମହାନ୍ତି ଏବଂ ଅନ୍ୟତମ ବକ୍ତା ଭାବେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ସାମାଜିକ କର୍ମୀ ବିଶ୍ୱକେଶରୀ ମହାନ୍ତି, କବି ପୁତ୍ର ଡ. ଦେବବ୍ରତ ପଡ଼ିଆରୀ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ସମାଜରେ ଆଦର୍ଶ ମଣିଷପଣିଆ ଆଉ ନାହିଁ। କିନ୍ତୁ ଜଗନ୍ନାଥ ଜଣେ ଆଦର୍ଶ ଗୁରୁ, ସାମାଜିକ କର୍ମୀ, ସାହିତ୍ୟିକ ଓ ଜନନେତା ଥିଲେ ବୋଲି ଅତିଥିମାନେ କହିଥିଲେ।

ଏହି ଅବସରରେ ଜଗନ୍ନାଥ ପଡ଼ିଆରୀଙ୍କ ଜୀବନାଲୋକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଯୁବ ସାହିତ୍ୟିକ ଅମୂଲ୍ୟ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଚାନ୍ଦବାଲି କଳା ବିକାଶ ପରିଷଦ ପକ୍ଷରୁ ସତ୍ୟବ୍ରତ ଦାସ ଏବଂ ସାଥୀ କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ପଞ୍ଚାନନ ପଲାଇ, ଧର୍ମପ୍ରାଣ ଚିନ୍ତାମଣି ମହାରଣା ଓ ଶିକ୍ଷାବିତ୍ ଭଗବାନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରିପଲ୍ଲୀ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସ୍ୱର୍ଗତ ପଡ଼ିଆରୀଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ବିଷ୍ଣୁପ୍ରିୟା ପଡ଼ିଆରୀ ଧନ୍ୟବାଦ ଅର୍ପଣ କରିଥିଲେ। ଡା. ଦିପେଶ ପଡ଼ିଆରୀ, ଜୟୀରାମ ପଡ଼ିଆରୀ, ଶ୍ରୀମନ୍ତ ଖୁଣ୍ଟିଆ, ଉତ୍ତମ ପଡ଼ିଆରୀ, ବ୍ରଜକିଶୋର ରାଉତ, ଚିତ୍ତରଞ୍ଜନ ରାଉତ, ଦେବବ୍ରତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଭଦ୍ରକ ସାଂସ୍କୃତିକ ମହୋତ୍ସବର ୩ୟ ସନ୍ଧ୍ୟା

ଭଦ୍ରକ, ୬।୧(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ସଂଗ୍ରାମ, ସଂସ୍କୃତି, ସାହିତ୍ୟ ଓ ମେଳା ମହୋତ୍ସବରେ ସବୁଠି ଊର୍ଦ୍ଧ୍ୱରେ ରହି ତା'ର ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସ୍ୱାଧୀନତା ସଂଗ୍ରାମରେ ଜିଲାର ବହୁ ବ୍ୟକ୍ତି ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି, ସେପରି ଏହି ମାଟି ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସର୍ବାଗ୍ରେ ରହିଛି ବୋଲି ଭଦ୍ରକ ସାଂସ୍କୃତିକ ମହୋତ୍ସବର ୩ୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ବିଶିଷ୍ଟ ଅତିଥି ଭାବେ ଅମିତ ମଲ୍ଲିକ ଯୋଗ ଦେଇଥିଲେ। କମିଟି ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସଂଯୁକ୍ତା ବଳ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବେଦପାଠ କରିଥିଲେ ଜାନକୀ ପାଢ଼ୀ। କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ଉପଦେଷ୍ଟା ସ୍ମୃତିରଞ୍ଜନ ସାହୁ, ବିଜୟ କୁଅଁର, ଶୁଭ୍ରକାନ୍ତ ରାଉତରାୟ, ଆବାହକ ଅବିନାଶ ପଣ୍ଡା, ରାଜେଶ ଦାସ, ରମେଶ ପାଗଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ଶେଷରେ ଲଳିତ କଳା ଏକାଡେମୀ ଓ ଏମ୍‌ଏମ୍ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜିଲାରେ ୧୦,୦୨୭ ନୂଆ ଭୋଟର



ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଭୋଟର ତାଲିକା ପ୍ରଦର୍ଶନ କରାଯାଉଛି।

## ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶିତ

ଭଦ୍ରକ,୬।୧(ସନାତନ ରାଉତ)

ଭଦ୍ରକ ଜିଲାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା-୨୦୨୫ ସୋମବାର ପ୍ରକାଶିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ତାଲିକା ପ୍ରକାଶ କରାଯାଇଥିଲା। ଜିଲାରେ ୧୦ ହଜାର ୨୭ଜଣ ନୂଆ ଭୋଟର ତାଲିକାରେ ଯୋଡ଼ି ହୋଇଛନ୍ତି।

ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ସହକାରୀ ଜିଲାପାଳ (ନିର୍ବାଚନ) ସାଗରିକା ସାହୁ ପ୍ରମୁଖ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ, ୨୦୨୪ ଅକ୍ଟୋବର ୨୯ ସୁଦ୍ଧା ଜିଲାରେ ସମୁଦାୟ ଭୋଟର ସଂଖ୍ୟା ୧୨ଲକ୍ଷ ୯୪ହଜାର ୬୨ ଥିଲା। ସୋମବାର ସୁଦ୍ଧା ଏହା ବୃଦ୍ଧି ପାଇ ୧୩ ଲକ୍ଷ ୪ ହଜାର ୮୯ରେ ପହଞ୍ଚିଛି। ୬ ଲକ୍ଷ ୬୯ ହଜାର ୭୨୮ ପୁରୁଷ ଭୋଟର, ୬ଲକ୍ଷ ୩୪ ହଜାର ୨୦୧ ମହିଳା ଭୋଟର ଏବଂ ୧୬୦ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ସେହିପରି ୧୮-୧୯ବର୍ଷ ବୟସ ବର୍ଗର ଯୁବ ଭୋଟର ସଂଖ୍ୟା ସମୁଦାୟ ୨୧ ହଜାର ୮୯୬। ୧୦୦ ବର୍ଷରୁ ଅଧିକ ବୟସ ବର୍ଗର ୨୧୭ଜଣ ଭୋଟର ଅଛନ୍ତି।

# ନଦୀଗାଁ ଟିମ୍‌କୁ ଚାମ୍ପିୟନ ଟ୍ରଫି

## ଧୂଷୁରୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଧୂଷୁରୀ,୬।୧(ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକ ଧୂଷୁରୀ ଷ୍ଟେଟବ୍ୟାଙ୍କ ସାମ୍ନା ମା' କାଳୀ ଯାତ୍ରା ପଡ଼ିଆରେ ଆୟୋଜିତ ଧୂଷୁରୀ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅସୁରାଳିକୁ ହରାଇ ନଦୀଗାଁ ଟିମ୍ ଚାମ୍ପିୟନ ହେଇଛି। ଟସ୍ ଜିତି ଅସୁରାଳି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ହରାଇ ୧୫୦ ରନ୍ କରିଥିଲା। ଜବାବରେ ନଦୀଗାଁ ୧୩ ଓଭରରେ ୬ ଉଇକେଟ ହରାଇ ୧୫୨ ରନ୍ କରି ଚାମ୍ପିୟନ ଟ୍ରଫି ଜିତିଥିଲା। ନଦୀଗାଁ ଟିମ୍‌ର ହିମାଂଶୁ ଧଳ ୩୨ଟି ବଲ୍‌ରେ ୮୨ ରନ୍ ସହ ୨ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହେଇଥିଲେ। ଅସୁରାଳିର ଶୁଭମ ନାୟକଙ୍କୁ ଟୁର୍ଣ୍ଣାମେଣ୍ଟର ସବୁ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ ଦି ସିରିଜ୍ ଘୋଷଣା କରାଯାଇଥିଲା। ଅମ୍ପାୟାର ଭାବେ ସଞ୍ଜୀବ ରଣା ଓ ନିର୍ମାଲ୍ୟ ତରାଇ ଖେଳ ପରିଚାଳନା କରିଥିଲେ।

ସାମାଜିକ କର୍ମୀ କିଷାନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡ଼ା ସଭାରେ ମୁଖ୍ୟଅତିଥି ଭାବେ ଡା. ସଞ୍ଜୟ ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ, ସମିତିସଭ୍ୟ ଭାରତ ବିଜୟ ଦଳାଇ, ଯୁବନେତା ପ୍ରକାଶ ବେହେରା, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ଶଙ୍କର ସ୍ୱାଇଁ, ଶୁକଦେବ ସ୍ୱାଇଁ, ବୃନ୍ଦାବନ ବାରିକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ନଦୀଗାଁ ଟିମ୍‌କୁ ୨୦ ହଜାର ଟଙ୍କା ଓ ରନର୍ସଅପ୍ ଅସୁରାଳି ଟିମ୍‌କୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।




ମୁଖ୍ୟଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଟିମ୍‌ର ଖେଳାଳି।

# ୧୦ଜଣଙ୍କୁ ଆର୍ଥିକ ସହାୟତା

## ଜନଶୁଣାଣି ଶିବିରରେ ୧୬୫ ଅଭିଯୋଗ



ଭଦ୍ରକ,୬।୧(ସନାତନ ରାଉତ)

ନୂତନ ବର୍ଷର ପ୍ରଥମ ସୋମବାର ଭଦ୍ରକ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଯୋଗଦେଇ ମୋଟ ୧୬୫ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୧୩୩ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ଅଭିଯୋଗ ଥିଲା। ସେଥିରୁ ୯ଟି ରେଡ୍‌କ୍ରସ ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ୍ ସହାୟତା ସମ୍ବନ୍ଧୀୟ ଥିଲା। ରେଡ୍‌କ୍ରସ ସମ୍ବନ୍ଧୀୟ ୯ ଆବେଦନକାରୀଙ୍କୁ ୪୪ ହଜାର ଟଙ୍କା ଓ ଜଣେ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୧୦ ହଜାର ଟଙ୍କା ସମୁଦାୟ ୧୦ଜଣଙ୍କୁ ୫୪ ହଜାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲାପାଳ ମଞ୍ଜୁର କରିଛନ୍ତି। ଜବରଦଖଲ ଉଚ୍ଛେଦ, ରାସ୍ତା ନିର୍ମାଣ, ରାଶନ କାର୍ଡ ସମ୍ପର୍କିତ ଅଧିକାଂଶ ଅଭିଯୋଗ ରହିଥିଲା।

ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ସହକାରୀ ଜିଲାପାଳ କାର୍ତ୍ତିକନାଥ ମଣ୍ଡଳ, ତନ୍ମୟ କୁମାର ଜେନା ପ୍ରମୁଖ ଅଭିଯୋଗ ଉପସ୍ଥାପନା ଓ ପରିଚାଳନାରେ ସହଯୋଗ କରିଥିଲେ। ସାଧାରଣ ଓ ବିବିଧ ଅନୁଭାଗର କର୍ମଚାରୀ ନିତ୍ୟାନନ୍ଦ ନାୟକ ଅଭିଯୋଗ ପଞ୍ଜୀକରଣ ଦାୟିତ୍ୱ ନିର୍ବାହ କରିଥିଲେ।

# ଟାର୍ଗେଟ ଆସି ନ ଥିବାରୁ କିଣା ହୋଇପାରୁନି ଧାନ

ବନ୍ତ,୬।୧(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ସୋମବାରଠାରୁ ଧାନମଣ୍ଡି ଖୋଲିବା ଆରମ୍ଭ ହୋଇଛି। ହେଲେ କୌଣସି ମଣ୍ଡିକୁ ଏପର୍ଯ୍ୟନ୍ତ ଟାର୍ଗେଟ ଆସି ନ ଥିବାରୁ ଧାନ କିଣାଯାଇ ପାରୁ ନ ଥିବା ଜଣାପଡ଼ିଛି। କାଦବରାଙ୍ଗ, ପୁରୁଷଣ୍ଡି, ପଧାନପଡ଼ା, ରାମକୃଷ୍ଣପୁର, ଟିଲୋ, ସରମରା ଆଦି ସେବା ସମବାୟ ସମିତି ଓ ଗୋପୀନାଥପୁର, ରାମଚନ୍ଦ୍ରପୁର ଏସ୍‌ଏଚ୍‌ଜି ପକ୍ଷରୁ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏସବୁ ସ୍ଥାନରେ ମଣ୍ଡି ଖୋଲା ଯାଇଥିବା ବେଳେ ଧାନ କିଣା ଯାଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ବହୁ ଚାଷୀଙ୍କର ଧାନ ବିକ୍ରି ପାଇଁ ଟୋକନ ତାରିଖ ଓ ପରିମାଣ ମେସେଜ୍ ଆସୁ ନ ଥିବାରୁ ଚାଷୀମାନେ ବାରମ୍ବାର ସମିତିକୁ ଦୌଡୁଛନ୍ତି। ଅନ୍ୟପକ୍ଷେ ଜିଲା ପ୍ରଶାସନ ପକ୍ଷରୁ କୌଣସି ମଣ୍ଡିକୁ ଟାର୍ଗେଟ ଦିଆଯାଇ ନ ଥିବାରୁ ଧାନ କିଣା ହୋଇପାରୁ ନାହିଁ। ଫଳରେ ଚାଷୀମାନେ ଅମଳ ଧାନକୁ ଖରା ଓ କାକରରେ ପକାଇଛନ୍ତି। କେତେକ ଚାଷୀ ବେପାରୀମାନଙ୍କୁ କମ୍ ଦରରେ ଧାନ ବିକ୍ରି କରି ଦେଉଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ମଲ୍ଲିକଙ୍କୁ ପଚାରିବାରୁ କୌଣସି ମଣ୍ଡିକୁ ଟାର୍ଗେଟ ଆସି ନ ଥିବାରୁ ଧାନ କିଣା ହୋଇପାରି ନ ଥିବା କହିଛନ୍ତି। ନିଳୋକସ୍ଥିତ ପଧାନପଡ଼ା ସମିତିଠାରେ ମଣ୍ଡି ଉଦ୍‌ଘାଟନ ବେଳେ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ବିଡିସିସି ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ପ୍ରକାଶଜ୍ୟୋତି ମହାକୁଡ, ରମେଶ ଚନ୍ଦ୍ର ଭାରତୀ, ଯୋଗେନ୍ଦ୍ର ଘଡ଼େଇ, ସମିତି ସଭାପତି ସେକ୍ କଦମ, ପ୍ରଫୁଲ୍ଲ କୁମାର ପଣ୍ଡା, ପିଇଓ ଗଣେଶ ପ୍ରସାଦ ନାୟକ, ଜିଲା ଧାନକ୍ରୟ କମିଟି ସଭ୍ୟ ଶଙ୍କର୍ଷଣ ଜେନା, ସମ୍ପାଦକ ନାରାୟଣ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦୀନ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ବିକାଶ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା

ଭଦ୍ରକ,୬।୧(ସନାତନ ରାଉତ)-ଭାରତ ବିକାଶ ପରିଷଦ ପକ୍ଷରୁ ଚରମ୍ପାର ଡା.ଅଶୋକ କୁମାର ଲେଙ୍କାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ୨୦୨୪ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ଭାରତର ପ୍ରତିନିଧିତ୍ୱ କରି ସେ ପଞ୍ଚମ ସ୍ଥାନ ଲାଭ କରିଥିଲେ। ବର୍ତ୍ତମାନ ସେ ଅଖିଳ ଭାରତୀୟ ସେକ୍ରେଟାରୀ ଭେଟେରାନ ଇଣ୍ଡିଆ ଦାୟିତ୍ୱରେ ଅଛନ୍ତି। ସେ ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇଥିବାରୁ ତାଙ୍କୁ ପରିଷଦ ପକ୍ଷରୁ ହୋଟେଲ ସିଟି ରେସିଡେନ୍ସି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କ ପରି ମହାନ୍ ବ୍ୟକ୍ତିତ୍ୱ ପାଇଁ ଭଦ୍ରକ ମାଟି ଗର୍ବିତ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ପରିଷଦର ଉପଦେଷ୍ଟା ଡ. ରାମଚନ୍ଦ୍ର ପଣ୍ଡା, ପ୍ରଦୀପ ପୁହାଣ, ବିଭୁକଲ୍ୟାଣ ସ୍ୱାଇଁ, ଅର୍ପିତା ମହାନ୍ତି, ଗୋବିନ୍ଦ ରାଉତ, ଶରତ ପଡ଼ିଆରୀ, ମନୋଜ ରାୟ, ସଞ୍ଜୀବ ମହାନ୍ତି, ପୁରୁଷୋତ୍ତମ ମହାନ୍ତି, ଚିନ୍ତାମଣି ଷେଣ୍ଢ ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଧାନମଣ୍ଡି ଶୁଭାରମ୍ଭ

ଧାମନଗର,୬।୧(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଏନ୍‌ଏସି ଅଧୀନ ଧାମନଗର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଶୁଭାରମ୍ଭ ହୋଇଛି। ସମିତିର ସମ୍ପାଦକ ବସନ୍ତରାଜ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମହାପାତ୍ର, ପରିଚାଳନା ପରିଷଦର ସଭାପତି ଗୌତମ ମହାନ୍ତି, ଭାଜପା ନଗର ସଭାପତି ପ୍ରଶାନ୍ତ କୁମାର ପରିଡ଼ା, ଭାଜପା ନେତା ବିଜୟ ରାମ, ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡା, ରାଧାବଲ୍ଲଭପୁର ସରପଞ୍ଚ ପ୍ରୀତମ ଦାସ, ଗ୍ରାମ୍ୟ କୃଷି ଅଧିକାରୀ ଅଜୟ କୁମାର ଦାସ, ଆର୍‌ଆଇ ପ୍ରକାଶ ମଲ୍ଲିକ, କାଉନସିଲର ଉତ୍ତମ ମହାନ୍ତି, ସ୍ୱାଧୀନ ସମ୍ବିତ ଦାସ, ରାଜୀବ ଦାସ, ଦେବଦତ୍ତ ମହାପାତ୍ର, ପରିଚାଳନା ପରିଷଦର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ସମିତି ଅଧୀନରେ ମୋଟ ୭୦୨ଜଣ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବ। ଚାଷୀ ଦାମ ଜେନା, ଲକ୍ଷ୍ମଣ ବେହେରା, ମାନସ ରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବୋର୍ଡ ସଦସ୍ୟ ବୈରାଗୀ ଚରଣ ରାଉତ ଧନ୍ୟବାଦ ଦେଇଥିଲେ।



ଧାମନଗର ସମବାୟ ସମିତିରେ ମଣ୍ଡି ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

# ଜମି ତୁଳନାରେ ଧାନ ବିକ୍ରି ପରିମାଣ କମ୍

## ଅଭିଯୋଗ କଲେ ଟୋକନ ପାଇଥିବା ଚାଷୀ

ତିହିଡ଼ି,୬।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ସୋମବାର ଆଉ ୪ଟି ସମବାୟ ସମିତିରେ ଧାନ ମଣ୍ଡି ଖୋଲିଛି। ଏହି ମଣ୍ଡି ଉଦ୍‌ଘାଟନ ବେଳେ ଜମି ତୁଳନାରେ ମିଳିଥିବା ଟୋକନରେ ଧାନ ବିକ୍ରିର ପରିମାଣ କମ୍ ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ରବିବାର ବ୍ଲକରେ ୧୦ ସମବାୟ ସମିତି ଏବଂ ସୋମବାର ୪ ସମିତିରେ ମଣ୍ଡି ଖୋଲାଯାଇଛି। କୌଣସି ସମିତିରେ ଧାନ ସଂଗ୍ରହ ଆରମ୍ଭ ହୋଇନାହିଁ। ସମସ୍ତ ଚାଷୀଙ୍କ ପାଖରେ ଟୋକନ ମେସେଜ ପହଞ୍ଚି ପାରି ନ ଥିବାରୁ ଏବଂ ରାଇସ୍ ମିଲ୍ ସହ ସମିତି ଟ୍ୟାଗ୍ ହୋଇ ନ ଥିବାରୁ ଆଉ କିଛିଦିନ ପରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ଅପରପକ୍ଷେ ଏଫ୍‌ଏକ୍ୟୁ ଧାନ ପାଇଁ ୮ଶହ ଟଙ୍କା ବୋନସର ବ୍ୟବସ୍ଥା ରହିଛି। ଯାହା ସମିତି ସମ୍ପାଦକମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। କାରଣ ଏଫ୍‌ଏକ୍ୟୁ ଧାନ ଚିହ୍ନଟ କରିବା ସହଜସାଧ୍ୟ ହୋଇ ନ ଥିବାବେଳେ ସଂଗ୍ରହ ସମୟରେ ସମିତି କର୍ତ୍ତୃପକ୍ଷ ଏବଂ ଚାଷୀଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହେବାର ଆଶଙ୍କା ରହିଛି। ସୋମବାର ପାଳିଆବିନ୍ଧା, ମଙ୍ଗଳପୁର, ଗାନ୍ଧୀନଗର ଓ ନିଶ୍ଚିନ୍ତପୁର ସମିତିରେ ମଣ୍ଡି ଶୁଭାରମ୍ଭ କରାଯାଇଛି। ମଣ୍ଡି ଉଦ୍‌ଘାଟନ ସମୟରେ କେତେକ ଚାଷୀ ଟୋକନରେ ଧାନ ବିକ୍ରି ପରିମାଣ କମ୍ ଆସିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ୭ ଏକର ଜମି ଥିବା ଚାଷୀଙ୍କ ପାଖକୁ ମାତ୍ର ୧୫କୁଇଣ୍ଟାଲ ଧାନ ବିକ୍ରି କରିବାକୁ ମେସେଜ ଆସିଥିବା ସେମାନେ ଦର୍ଶାଇଥିଲେ। ପାଳିଆବିନ୍ଧା ସମିତିରେ ମଣ୍ଡି ଶୁଭାରମ୍ଭ ସମୟରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ତିହିଡ଼ି ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ, ସିଇଓ ଅଭିଳାଷ ରଣା, ଏମ୍‌ଆଇ ପ୍ରୀତିଶ ସାମଲ, ସମିତି ସଭାପତି ମିନତିଲତା ଦାସ, ସମ୍ପାଦକ ସଞ୍ଜୟ କୁମାର ନାୟକ, କର୍ମକର୍ତ୍ତା ସୁଜିତ ନାୟକ, ମାନସୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳପୁରରେ ସଭାପତି ନିତ୍ୟାନନ୍ଦ ବେହେରା, ସମ୍ପାଦକ ଶଙ୍କର୍ଷଣ ଜେନା, ସରପଞ୍ଚ କୈଳାସ ପରିଡ଼ା, ପ୍ରଦୀପ ବଳ, ଗାନ୍ଧୀନଗରରେ ସଭାପତି ଭାସ୍କର ଚନ୍ଦ୍ର ନାୟକ, ସମ୍ପାଦକ ଅଚ୍ୟୁତାନନ୍ଦ ମହାନ୍ତି, ସରପଞ୍ଚ କୁନ୍ତଳା ମଲିକ ଓ ଉଦ୍ଧବ ଚରଣ ନାୟକ, ନିଶ୍ଚିନ୍ତପୁରରେ ସମ୍ପାଦିକା ଗୀତାଞ୍ଜଳି ଦାସ, ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ର ଶତପଥୀ, ଆର୍‌ସିଏମ୍ ଦେବାଶିଷ ଶତପଥୀ, ପିଇଓ ସୌମ୍ୟରଞ୍ଜନ ନାଥ ପ୍ରମୁଖଙ୍କ ସହ ଚାଷୀ କମିଟି ଓ ଧାନ ସଂଗ୍ରହ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଟୋକନରେ ଧାନ ପରିମାଣ କମ୍ ଆସିବା ନେଇ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଶରତ ବେହେରାଙ୍କୁ ପଚାରିବାରୁ ପ୍ରଥମଥର କମ୍ ପରିମାଣ ମେସେଜ ଯାଇଥିଲେ ବି ପରବର୍ତ୍ତୀ ସମୟରେ ଠିକ୍ ପରିମାଣର ମେସେଜ ଚାଷୀଙ୍କ ନିକଟକୁ ଯିବ ବୋଲି କହିଛନ୍ତି।



ଗାନ୍ଧୀନଗର ସମିତିରେ ଧାନ ମଣ୍ଡି ଉଦ୍‌ଘାଟନ କରାଯାଉଛି।

# ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଅଣଦେଖା

**ଆନନ୍ଦପୁର,୬।୧(ସୁଶାନ୍ତ କୁମାର ସାହୁ)**

■ଜୟଦୁର୍ଗା ବିଦ୍ୟାଳୟର ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ବିରୋଧ

■ଫାଟକ ଆଗରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଜୟଦୁର୍ଗା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଅଣଦେଖା କରାଯାଉଛି। ଭାଙ୍ଗିଯାଇଥିବା ପୁରୁଣା ସ୍କୁଲର ଛାତ ବିନା ପିଲରରେ ପଡ଼ିଛି। ଫଳରେ କୌଣସି ସମୟରେ ଅଘଟଣ ଆଶଙ୍କା ରହୁଛି। ଏନେଇ ଅଭିଭାବକ ଓ ପରିଚାଳନା କମିଟି ବାରମ୍ବାର ଦାବି କରୁଥିଲେ ହେଁ କେହି କର୍ଣ୍ଣପାତ କରୁ ନ ଥିବାରୁ ସୋମବାର ଛାତ୍ରୀଛାତ୍ରଙ୍କୁ ନେଇ ସ୍କୁଲ ଫାଟକ ଆଗରେ ଧାରଣାରେ ବସିଥିଲେ।

ପ୍ରକାଶ ଯେ, ଉକ୍ତ ସ୍କୁଲରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୬୦ ଛାତ୍ରୀଛାତ୍ର ଅଧ୍ୟୟନରତ । ଅଞ୍ଚଳଟି ବୈତରଣୀ ନଦୀ କୂଳିଆ ହୋଇଥିବାରୁ ଅନେକ ସମୟରେ ବନ୍ୟା ଆଶଙ୍କା ରହିଥାଏ। ତେଣୁ ସ୍କୁଲକୁ ପ୍ରଶାସନ ପକ୍ଷରୁ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଉଛି। ମାତ୍ର ୧୯୯୯ ମହାବାତ୍ୟା ସମୟରେ ବିଦ୍ୟାଳୟର ଗୃହ ପ୍ରଭାବିତ ହୋଇଥିଲା। ଦୀର୍ଘ ଦିନ ଅନ୍ତରରେ ତଥା ବହୁ ଦାବି ପରେ ପୌର କାର୍ଯ୍ୟାଳୟ ଅନୁଦାନରେ ପୂର୍ତ୍ତ ବିଭାଗ ଗୃହ ନିର୍ମାଣ କାର୍ଯ୍ୟ ନେଇଥିଲା। ବିପଦପୂର୍ଣ୍ଣ ଛାତକୁ ଭାଇବ୍ରେଟର ସହାୟତାରେ ଭଙ୍ଗାଯାଇଥିଲା। ଭାଇବ୍ରେଟର ବ୍ୟବହାର କାରଣରୁ ଗୃହର କାନ୍ଥଗୁଡ଼ିକ ଦୁର୍ବଳ ହୋଇଯାଇଥିଲା। ତଥାପି ପିଲର କରା ନ ଯାଇ ଦୁର୍ବଳ କାନ୍ଥରେ ୮ ଦିନ ତଳେ ଛାତ ପକାଯାଇଥିଲା। ଫଳରେ ବିଦ୍ୟାଳୟ ପୂର୍ବଭଳି ବିପଦପୂର୍ଣ୍ଣ ହୋଇ ରହିଥିଲା। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ନ ଦେଇ ଏଭଳି କାର୍ଯ୍ୟ କରାଯାଇଥିବାରୁ ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ବିରୋଧ କରାଯାଇଥିଲା। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ଅଧିକାରୀ ସମସ୍ୟାର ସମାଧାନ ପାଇଁ ତତ୍ପର ହୋଇ ନ ଥିଲେ। ଫଳରେ ଉକ୍ତ ବିଦ୍ୟାଳୟକୁ ଜାନୁଆରୀ ୬ରୁ ବନ୍ଦ କରିବା ଏବଂ ବିଦ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଦେବା ପାଇଁ ଜିଲାପାଳ, ଉପ ଜିଲାପାଳ ଏବଂ ବିଭିନ୍ନ ଅଧିକାରୀଙ୍କୁ ପୂର୍ବରୁ ଜଣାଇଥିଲେ। ପୂର୍ବ ନର୍ଦ୍ଧାରିତ ଦିନ ଅନୁଯାୟୀ, ସୋମବାର ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଛାତ୍ରୀଛାତ୍ରଙ୍କ ସହ ପ୍ରତୀକ ଧାରଣାରେ ବସିଥିଲେ। ଆନନ୍ଦପୁର ପୌରପରିଷଦ ଅଧକ୍ଷା ରଜନୀରାଣୀ ଖଟୁଆ, କାଉନ୍‌ସିଲର୍ ନିବେଦିତା ବେହେରା, ସନତ କର, ସୁରେନ୍ଦ୍ର କୁମାର୍ ଦାସ ଏବଂ ଆନନ୍ଦପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଅଭିଭାବକ, ଗ୍ରାମବାସୀ ଏବଂ ଛାତ୍ରୀଛାତ୍ର ଧାରଣାରୁ ଉଠିଥିଲେ। ବିଦ୍ୟାଳୟ ସ୍ୱାଭାବିକ ହୋଇଥିଲା। ବ୍ଲକ୍ ଶିକ୍ଷା ଅଧିକାରୀ ଅଜିତ କୁମାର ବାରିକ କହିଛନ୍ତି, ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଯେ ପର୍ଯ୍ୟନ୍ତ ଶ୍ରେଣୀଗୃହ ମରାମତି ଠିକ୍ ଭାବେ ହୋଇନାହିଁ, ସେ ପର୍ଯ୍ୟନ୍ତ ଚାରିପାଖ ବ୍ୟାରିକେଡ୍ ହୋଇ ରହିବ। ନୂତନଗୃହ ପାଇଁ ବିଭାଗକୁ ଚିଠି ଲେଖି ଜଣାଇବେ।



ସ୍କୁଲ ଫାଟକ ସମ୍ମୁଖରେ ଅଭିଭାବକ ଓ ଛାତ୍ରୀଛାତ୍ର।

## ଏନ୍‌ଆରଟିଏସ୍ ପରୀକ୍ଷାରେ ଗୋପାଳଚନ୍ଦ୍ର ବିଦ୍ୟାଳୟର ୨ ଛାତ୍ରଙ୍କ ସଫଳତା


ବିଦ୍ୟାଳୟ ପକ୍ଷରୁ ୨ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

**ବଡଲା,୬।୧(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଗୋପାଳଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ୨ ଛାତ୍ର ଏନ୍‌ଆରଟିଏସ(ଜାତୀୟ ଗ୍ରାମୀଣ ପ୍ରତିଭା ଛାତ୍ରାବୃତ୍ତି) ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ବ୍ଲକ୍‌ରେ ୧୦ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଏହି ବିଦ୍ୟାଳୟରୁ ଗଣେଷ ପରିଡ଼ା ଓ ସମ୍ପିତ ଯେନା ସଫଳତା ପାଇଛନ୍ତି। ଗଣେଷ ୯୨ ପ୍ରତିଶତ ମାର୍କ ରଖି ବ୍ଲକ୍ ତଥା ଜିଲାରେ ପ୍ରଥମ ହୋଇଥିବାରୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ଅନୀଲ ସିଂ, ଏସ୍‌ଏମ୍‌ଡିସିର ସଭ୍ୟ ବିନୋଦ ରାଉତ, ଶିକ୍ଷକ ଜିତ୍ ରଞ୍ଜନ ବେହେରା, ଦୁର୍ଯ୍ୟୋଧନ ଜେନା, ସଚିନ ଦେବ ରାଉତ, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବେହେରା, ଦିବ୍ୟାଭାରତୀ ବେହେରା, ଜୟଶ୍ରୀ ଜେନା, ବିଦ୍ୟୁତଲତା ଦାସ, କର୍ମଚାରୀ ସନ୍ତୋଷ ଧଳ, ଗଙ୍ଗାଧର ସାହୁ, ନିର୍ମଳ ଯେନା, ଅଜୟ ଦାସ ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଛାତ୍ରଙ୍କ ଏଭଳି ସଫଳତାରେ ବରିଷ୍ଠ ଶିକ୍ଷାବିତ୍ ତଥା ପ୍ରାକ୍ତନ ବିଆରସିସି ବିନୋଦ ବିହାରୀ ରାଉତ ଏବଂ ଶିକ୍ଷା କମିଟି ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ପ୍ରେମ ପ୍ରତାରଣାରୁ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ପାଟଣା,୬।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବୈତରଣୀ ନଦୀ ପୋଲ ଉପରୁ ୩୦ଫୁଟ ତଳକୁ ଡେଇଁ ଜଣେ କଲେଜ ଛାତ୍ର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପାଣିରେ ପଡ଼ିବାରୁ ଆସନ୍ନ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି। ଯୁବକ ଜଣକ ପାଟଣା ମୁଖ୍ୟାଳୟରେ ଥିବା ଏକ ମହାବିଦ୍ୟାଳୟରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳାରେ ଅଧ୍ୟୟନ କରୁଛନ୍ତି। ତାଙ୍କ ଘର ପାଟଣା ଥାନା ଖଡ଼ିକା ପଦା ପଞ୍ଚାୟତରେ ହୋଇଥିବା ବେଳେ ସେ ପାଟଣା ମୁଖ୍ୟାଳୟରେ ଏକ ମେସ୍ କରି ରହୁଛନ୍ତି। ସେ ସୋମବାର ମଧ୍ୟାହ୍ନରେ ନଦୀ ପୋଲ ଉପରୁ ଡେଇଁ ପଡ଼ିଥିଲେ। ସେଠାରେ ଥିବା ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବକଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରି ପରିବାର ଲୋକଙ୍କ ଜିମା ଦେଇଛନ୍ତି। ଯୁବକ ପାଟଣା ବ୍ଲକ୍ ଅଞ୍ଚଳର ଅନ୍ୟ ଏକ ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଭଲ ପାଉଥିଲେ। ଯୁବତୀ ଜଣକ ଏବେ ଅନ୍ୟ ଜଣେ ପୁଅଙ୍କ ସହ ମିଳିମିଶି କରୁଛନ୍ତି। ଏ ନେଇ ଯୁବକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ ପ୍ରାଥମିକ ତଦନ୍ତ ଜାଣିବାକୁ ପାଇଛି।

## ବନୌଷଧି ବିଶେଷଜ୍ଞ ମହାସଂଘର ମହାସଭା

କେନ୍ଦୁଝର,୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ମଣ୍ଡୁଆ ସଂସ୍କୃତି ଭବନରେ ଓଡ଼ିଶା ରାଜ୍ୟ ବନୌଷଧି ବିଶେଷଜ୍ଞ ମହାସଂଘର ୧୨ତମ ବାର୍ଷିକ ମହାସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ବୈଦ୍ୟ ବିଶାରଦ ହରେକୃଷ୍ଣ ମହନ୍ତଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ବୈଦ୍ୟ ଜ୍ୟୋତି ବଳରାମ ପ୍ରସାଦ ସିଂହଦେଓଙ୍କ ତତ୍ତ୍ୱାବଧାନରେ ବୈଦ୍ୟ, କବିରାଜଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ସହ ସମାଧାନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ନାୟକ ଯୋଗଦେଇଥିଲେ। ପରିଚାଳନା ପରିସଦର ସଦସ୍ୟ ଉପ ସଭାପତି ବୈଦ୍ୟ ଲଳିତ ମୋହନ ସାହୁ, କୋଷାଧ୍ୟକ୍ଷ ଦୈତ୍ୟାରୀ ମହାନ୍ତ, ବୈଦ୍ୟ ଦେବାନ୍ଦ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

## ସକାଳ ୮ଟା ୩୦ରେ ପତାକା ଉତ୍ତୋଳନ

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**କେନ୍ଦୁଝର,୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଶନିବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ସାଧାରଣ) ମନ୍ଦରଧର ମହାଳିକ ଅଧ୍ୟକ୍ଷତା କରିବା ସହ ଏହିଜାତୀୟ ଦିବସକୁ ବିପୁଳ ଆନନ୍ଦ, ଉଲ୍ଲାସ ଓ ଶୃଙ୍ଖଳାର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ବିଭାଗ ଦାୟିତ୍ୱ ସୂଚାରୁରୂପେ ନିର୍ବାହ କରିବା ପାଇଁ ପରାମର୍ଶ ଦେବା ସହ କେନ୍ଦୁଝରର ନାଗରିକଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଆଲୋକ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋର୍ତିମୟ ଭୁକ୍ତା, ପ୍ରକଳ୍ପ ପ୍ରଶାସକ, ଜିଲା ନଗର ଉନ୍ନୟନ ସଂସ୍ଥା ରବୀନ୍ଦ୍ର ମଲ୍ଲିକ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ, ବସନ୍ତ ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ବୈଠକରେ ଚଳିତ ସାଧାରଣତନ୍ତ୍ର ଦିବସ-୨୦୨୫ ଜାତୀୟ ଉତ୍ସବ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ କେନ୍ଦୁଝର ଷ୍ଟାଡ଼ିୟମଠାରେ ପ୍ରତ୍ୟୁଷରେ ରାମଧୂନ, ସକାଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୭ଟାରୁ ୭ଟା ୩୦ ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ପତାକା ଉତ୍ତୋଳନ, ସକାଳ ୮ଟାରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମୁଖ୍ୟ ଅତିଥି ସକାଳ ୮ଟା ୩୦ ମିନିଟ ସମୟରେ ଜିଲାସ୍ତରୀୟ ପତାକା ଉତ୍ତୋଳନ କରିବା ସହ ପରେଡ଼ରେ ଅଭିବାଦନ ଗ୍ରହଣ ଓ ଉଦ୍‌ବୋଧନ ପ୍ରଦାନ କରିବେ। ପରେ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ। ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସାର୍ଥକ ରାୟ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ବୈଠକରେ ରିଜର୍ଭ ପୋଲିସ ଇନ୍ସପେକ୍ଟର, ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ (ରାସ୍ତା ଓ ଗୃହ), କେନ୍ଦୁଝର ପ୍ରମୁଖଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ଶିକ୍ଷୟିତ୍ରୀ, ଶିକ୍ଷକ, ଅଧାପିକା, ଅଧାପକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ଥିଲେ।

## ଶିଶୁ ସାହିତ୍ୟିକ ନିରାକାରଙ୍କୁ ଶିକ୍ଷା ପଦ୍ମ ସମ୍ମାନ

ବଡଲା/ଛେନାପଦି,୬।୧(ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କଳିଗାଁ ଗ୍ରାମର ବରିଷ୍ଠ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ନିରାକାର ଚଇନିଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି। ବାଲେଶ୍ୱର ଜିଲା ପଦ୍ମ ଲୋଚନ ପାଠାଗାରା ସୋର ପକ୍ଷରୁ ସ୍ୱର୍ଗତ ପଦ୍ମଲୋଚନ ମହାକୁଡ଼ ଜୟନ୍ତୀ ଅବସରରେ ତାଙ୍କୁ ଶିକ୍ଷା ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶାର ସୁନାମ ଧନ୍ୟ ଯାତ୍ରା ଗବେଷକ, କବି, ଲେଖକ, ଅଧାପକ ସ୍ୱର୍ଗତ ପଦ୍ମଲୋଚନ ମହାକୁଡ଼ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ମୁଖ୍ୟ ବକ୍ତାଭାବେ ସୋରର ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଶିକ୍ଷକ ନିରାକାର ଚଇନିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ପଦ୍ମ ଲୋଚନ ପାଠାଗାରର ସଭାପତି ସୁମନ ମହାକୁଡ଼, ସମ୍ପାଦିକା ନିର୍ମଳା ମହାକୁଡ଼, ନାଟ୍ୟକାର ପୁରୁଷୋତ୍ତମ ବେହେରା ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ।

## ଜଳିଗଲା ଧାନ କଟା ମେଶିନ୍



**ଛେନାପଦି,୬।୧(ନିରାକାର ପରିଡା)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ଗ୍ରାମରେ ଧାନ କାଟିବା ବେଳେ ଧାନ କଟା ମେଶିନ ଜଳିଗଲା। ଦୁର୍ଘଟଣାରେ ଗାଡ଼ି ଜଳିଯାଇଥିବା ବେଳେ ଚାଳକ କୌଣସି କ୍ଷତି ହୋଇନାହିଁ। ପ୍ରକାଶ ଯେ, ହାଟଡ଼ିହୀ ତହସିଲ ନିକଟସ୍ଥ ଗ୍ରାମର ନନ୍ଦିଆ ଜେନାଙ୍କ ଜମିରେ ମେଶିନରେ ଧାନ କଟାଯାଉଥିଲା। ସର୍ଟ ସର୍କିଟ ଯୋଗୁ ହଠାତ୍ ନିଆଁ ଲାଗି ଯାଇଥିଲା। ଚାଳକ ଗାଡିରୁ ଡେଇଁପଡ଼ିବାରୁ ଅଳ୍ପକେ ରକ୍ଷା ପାଇ ଯାଇଥିବା ବେଳେ କଟା ଯାଇଥିବା ଧାନକ୍ଷତି ଘଟିନାହିଁ। ଖବର ପାଇ ହାଟଡ଼ିହୀ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଧାନକଟା ମେସିନଟିକୁ ସ୍ଥାନୀୟ ଜଣେ ଯୁବକ ଲିଜ୍‌ରେ ଆଣି ଧାନ କଟୁଥିବାର ଜଣାପଡ଼ିଛି।

## ଚମ୍ପୁଆରେ ୨, ୩୯, ୦୮୦ ଭୋଟର

### ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

**ଚମ୍ପୁଆ,୬।୧(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀ-୨୫ ଓ ପାଟଣା ନିର୍ବାଚନ ମଣ୍ଡଳୀ-୨୩ର ଚୂଡ଼ାନ୍ତ ଭୋଟର ତାଲିକା ସୋମବାର ପ୍ରକାଶ ପାଇଛି। ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭୋଟର ତାଲିକାକୁ ସାର୍ବଜନୀନ କରାଯାଇଥିଲା। ଉପ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଭୋଟର ତାଲିକା ପ୍ରକାଶନ ସମୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଯୋଡ଼ା, ବଡ଼ବିଲ, ଚମ୍ପୁଆ ଆଦି ଅଞ୍ଚଳର ବିଭିନ୍ନ ଅଧିକାରୀ, ଚମ୍ପୁଆ ଏନ୍‌ଏସି, ଯୋଡ଼ା ମ୍ୟୁନିସିପାଲଟି, ବଡ଼ବିଲ ମ୍ୟୁନିସିପାଲଟି ଆଦିର ଅଧିକାରୀଙ୍କ ଉପସ୍ଥିତିରେ ଏହା ପ୍ରକାଶ କରାଯାଇଥିଲା। ଚୁଡ଼ାନ୍ତ ଭୋଟର ତାଲିକା ସମସ୍ତ ବ୍ଲକ୍, ବୁଥ୍ ଏବଂ ମ୍ୟୁନିସିପାଲଟିରେ ଏହା ଉପଲବ୍ଧ କରାଯାଇଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀ-୨୫ରେ ମୋଟ ଭୋଟର ସଂଖ୍ୟା ୨, ୩୯,୦୮୦ ରହିଥିବା ବେଳେ ସେଥି ମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୧,୧୮, ୦୮୩, ମହିଳା ଭୋଟର ସଂଖ୍ୟା ୧,୨୦, ୯୮୯ ଓ ଅନ୍ୟ ୮ଜଣ ରହିଥିବା ବେଳେ ପାଟଣା ନିର୍ବାଚନ ମଣ୍ଡଳୀ-୨୩ରେ ମୋଟ ୨,୧୭, ୧୯୩ ଜଣ ଭୋଟରରୁ ପୁରୁଷ ଭୋଟର ସଂଖ୍ୟା ୧୦୭୭୮୪, ମହିଳା ଭୋଟର ସଂଖ୍ୟା ୧୦୯୪୦୬ ଓ ଅନ୍ୟ ୩ଜଣ ରହିଛନ୍ତି ।

## ସଫଳ ଚାଷୀଭାବେ ସନ୍ତୋଷ ପୁରସ୍କୃତ

**ଛେନାପଦି,୬।୧(ନିରାକାର ପରିଡା)**




କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଞ୍ଚୁଗୋଛିଆ ପଞ୍ଚାୟତ ତରଭା ଗ୍ରାମର ଚୈତନ୍ୟ ଓଝାଙ୍କ ପୁଅ ସନ୍ତୋଷ କୁମାର ଓଝା (୪୪) ଜଣେ ସଫଳ ଚାଷୀଭାବେ ଭୁବନେଶ୍ୱରଠାରେ ଆୟୋଜିତ କୃଷି ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ତାଙ୍କର ଇଚ୍ଛାଶକ୍ତି ଓ ଚାଷରେ ଆଗ୍ରହ ତାଙ୍କୁ ଆଗକୁ ଯିବାରେ ପ୍ରେରଣା ଯୋଗାଇଛି। ଗତ ୫ ବର୍ଷ ପୂର୍ବେ ଦିନେ ସେ ସବୁଜ ସାର ଓ ଉନ୍ନତ ପ୍ରଣାଳୀରେ ଧାନ ଚିନା ବାଦାମ ଚାଷ ସମ୍ବନ୍ଧରେ ହାଟଡ଼ିହୀ କୃଷି ବିଭାଗରୁ ପରାମର୍ଶ ଲୋଡ଼ିଥିଲେ। କୃଷି ବିଭାଗ ତାଙ୍କୁ ସବୁଜ ସାରର ଉପକାରିତା ସମ୍ବନ୍ଧରେ ଅବଗତ କରାଇବାରୁ ସନ୍ତୋଷ ସବୁଜସାର ପ୍ରୟୋଗ ଫଳରେ କମ ଖର୍ଚ୍ଚାନ୍ତ ହୋଇ ଭଲ ଫସଲ ଅମଳକରି ୧ ଏକର ଧାନ ଚାଷକରି ୨୫ ହଜାର ଟଙ୍କା ଲାଭ ପାଇଥିଲେ। ସନ୍ତୋଷ ନିଜର ୮. ୫ ଏକର ଜମିରେ ଧାନ ଚାଷ ସହିତ ବ୍ୟବସାୟ ଭିତ୍ତିରେ ଚିନାବାଦାମ ଚାଷ ଓ ବିଭିନ୍ନ ପ୍ରକାର ପରିବା ଚାଷ ଏବଂ ଏକ ହେକ୍ଟର ଜମିରେ କାଜୁ ବଗିଚା କରି ଚାଷ କରୁଛନ୍ତି। ପ୍ରାଣୀ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ୭୫ଟି ଛେଳି ଓ ୧୦ଟି ଦେଶୀ ଗାଈ ରଖିଛନ୍ତି। ଏତଦ୍‌ବ୍ୟତୀତ ଲିଜ୍ ସୂତ୍ରରେ ଜମି ନେଇ କୋଳଥ ଓ ବିରି ଚାଷ କରନ୍ତି। ସେ ଉଭୟ ଖରିଫ ଓ ରବି ଋତୁରେ ବୈଜ୍ଞାନିକ ପଦ୍ଧତିରେ ଚାଷ କରୁଛନ୍ତି। କୃଷି ପଦ୍ଧତିରେ ଆଧୁନିକ କୃଷି ଜ୍ଞାନ କୌଶଳ ଓ ପରାମର୍ଶ କ୍ରମେ ସେ ଜଣେ ସଫଳ ଚାଷୀଭାବେ ବେଶ ସୁନାମ ଅର୍ଜନ କରିଛନ୍ତି। ନିଜର ତ୍ୟାଗ ଓ ନିଷ୍ଠାପର କାମ ପାଇଁ ସନ୍ତୋଷ ଅନ୍ୟ ଚାଷୀଙ୍କ ପାଇଁ ଉଦାହରଣ ସାଜିଛନ୍ତି।

## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

**ଚମ୍ପୁଆ,୬।୧(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଉପ ଜିଲାପାଳଙ୍କ ସଭାଗୃହଠାରେ ୭୬ତମ ସାଧାରଣତନ୍ତ୍ର ଦିବାସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ ନାଏକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ସଜତ ମାର୍କେ, ସହକାରୀ ଜିଲାପାଳ ଫୁଲରାଇ ବେସ୍ରା, ଡେପୁଟି କଲେକ୍ଟର ଶିବବ୍ରତ ତ୍ରିପାଠୀ, ସମରେନ୍ଦ୍ର ଦାସ, ଚମ୍ପୁଆ ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ସମେତ ବଣିକ ସଂଘ, ଗଣ ମାଧ୍ୟମ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଅଗ୍ନିଶମ ବିଭାଗ, ଗ୍ରାମ ଉନ୍ନୟନ ବିଭାଗ, ମହାବିଦ୍ୟାଳୟର ଅଧାପକ, ଅଧାପିକା ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସକୁ ମହା ଆଡମ୍ବରସହ ପାଳନ କରିବାକୁ ଉପ ଜିଲାପାଳ ଆହ୍ୱାନ ଦେବା ସହିତ ଏକ କୋର କମିଟି ଗଠନ କରିବାକୁ ପ୍ରସ୍ତାବ ରଖିଥିଲେ। କାର୍ଯ୍ୟକ୍ରମରେ ଯୋଡ଼ା ଓ ଝୁମ୍ପୁରା ବ୍ଲକ୍‌ର ପ୍ରତିଯୋଗୀଙ୍କୁ ନେଇ ପ୍ରତିଯୋଗିତା କରିବାକୁ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଆସନ୍ତା ୧୦ ତାରିଖ ଦିନ ଆଉ ଏକ ବୈଠକ କରାଯାଇ ଚୁଡ଼ାନ୍ତ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ଉପ ଜିଲାପାଳ ପରିଡ଼ା ମତ ଦେଇଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଜଳୁନି ଡିଏମ୍‌ଏଫ୍ ଲାଇଟ୍, ଅନ୍ଧାରରେ ଗାଁ

### ଜିଲାପାଳଙ୍କୁ ଗୁହାରି କଲେ ଗ୍ରାମବାସୀ

**କେନ୍ଦୁଝର,୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ବ୍ଲକ୍ ବୋଦାପଳସା ପଞ୍ଚାୟତର କବିତ୍ରା ଗ୍ରାମରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ଲଗାଯାଇଥିବା ସୋଲାର ଲାଇଟ୍ ଅଚଳ ହୋଇପଡ଼ିଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି କେହି ଶୁଣୁ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସୋମବାର ସ୍ଥାନୀୟ ଲୋକେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୧ରେ ଗ୍ରାମର ବିଭିନ୍ନ ସ୍ଥାନରେ ୨୮ଟି ସୋଲାରଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ବର୍ଷେ ନ ପୁରୁଣୁ ଅଧିକାଂଶ ଲାଇଟ୍ ଖରାପ ହୋଇଯାଇଛି। ଜୁନ୍ ୨୦୨୪ରେ ଏ ନେଇ ଲିଖିତ ଭାବରେ ଜିଲା ପରିଷଦ ଅଫିସରେ ଜଣାଇଥିଲେ। ଏକ ମାସ ପରେ ସଦର ବ୍ଲକ୍‌ର ଜଣେ ମହିଳା ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ଅଭିଯୋଗର ସତ୍ୟତା ଯାଞ୍ଚ କରିଥିଲେ। ନଭେମ୍ବରରେ ବ୍ଲକ୍‌ରେ ପଚାରିବାରୁ ଉକ୍ତ ମହିଳ ଯନ୍ତ୍ରୀଙ୍କଠାରୁ ରିପୋର୍ଟ ଦାଖଲ ହୋଇଥିବା ଜାଣିବା ପରେ ପୁଣି ଡିଏମ୍‌ଏଫ୍ ଅଫିସକୁ ଯାଇଥିଲେ। ତେବେ ସେଠାରେ ଦାୟିତ୍ୱରେ ଥିବା ଅଧିକାରୀ ମରାମତି ହୋଇନାହିଁ ଜାଣିବା ପରେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ତେବେ ଇତି ମଧ୍ୟରେ ମରାମତି ହୋଇ ନ ଥିବାରୁ ସମଗ୍ର ଗ୍ରାମ ଅନ୍ଧାରରେ ରହିଛି। ଏ ନେଇ ବାରମ୍ବାର ଡିଏମ୍‌ଏଫ୍ ଅଫିସରେ ଅଭିଯୋଗ କଲେ ମଧ୍ୟ କେହି ନ ଶୁଣିବାରୁ ବାଧ୍ୟ ହୋଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ମାତ୍ର ୪ରୁ ୫ ଟି ସୋଲାର ଲାଇଟ ଜଳୁଥିବା ବେଳେ ଅବଶିଷ୍ଟ ଅଚଳ ହୋଇ ନଷ୍ଟ ହେବାକୁ ବସିଥିବା ଅଭିଯୋଗକାରୀ ବିଶ୍ୱନାଥ ପଟ୍ଟନାୟକ କହିଛନ୍ତି। ନିମ୍ନମାନର କାମ ଯୋଗୁ କମ ଦିନରେ ଏସବୁ ଅଚଳ ହୋଇଯାଇଥିବା ବେଳେ କାମ କରିଥିବା ସଂସ୍ଥା ଏହାର ମରାମତି କରୁନାହିଁ। ପ୍ରଶାସନ ପକ୍ଷରୁ ମଧ୍ୟ ତାଗିଦା କରୁ ନ ଥିବାରୁ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରି ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



